আଜି - ବୁଧବାର
ତାରିଖ - ୦୧ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୧୭
ତିଥି - ପ୍ରତିପଦ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ପୂର୍ବାଷାଢ଼ା ମଳ, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୫: ୦୦
ସୂର୍ଯ୍ୟାସ୍ତ - ୬ : ୨୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ ।"
- ମଦର ଟେରେସା

E-News : www.Ajikali epaper.com

Vol.- 41 ISSUE- 78 R.N.I. REGD. No. 44026/86 ବାଲେଶ୍ୱର ୦୧ ଜୁଲାଇ ୨୦୨୬ ବୁଧବାର BALASORE 01 JULY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

## ସ୍ନାନ ପରେ ଅଣସରରେ ଶ୍ରୀଜୀଉ

### ଅଲାରନାଥରେ ଭକ୍ତଙ୍କ ସମାଗମ



ପୁରୀ : ସ୍ନାନବେଦିରେ ସ୍ନାନ ପରେ ଜ୍ୱରରେ ମହାପ୍ରଭୁ । ଏବେ ୧୫ ଦିନର ଅନବସରରେ ଶ୍ରୀଜିଉ । ଦଇତାପତି ସେବକମାନଙ୍କ ଦ୍ୱାରା ଉପଚାର ଓ ସେବାଶୁଶ୍ରୁଷା ପାଉଛନ୍ତି । ଏହି ସମୟରେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି ପଟିଦିଅଁ । ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ, ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଦଳରେ ପୂଜା ପାଉଛନ୍ତି ଅନନ୍ତ ନାରାୟଣ । ଗତକାଲି ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଅସୁସ୍ଥ ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀମନ୍ଦିରରେ ଆଜିଠୁ ଆରମ୍ଭ ହୋଇଛି ଅନବସର ନୀତି । ପ୍ରତ୍ୟେକ ସ୍ନାନ ପରେ ନିଭୃତ ନୀଳକନ୍ଦରରେ ରୁନ୍ଧା ହେବେ ଜ୍ୱର ପୀଡ଼ିତ ମହାପ୍ରଭୁ । ଅନବସରରେ ମହାପ୍ରଭୁଙ୍କର ହେବ ଗୁପ୍ତ ଉପଚାର । ଏହି ସମୟରେ ଭକ୍ତଙ୍କ ଉଦ୍ଦେଶ୍ୟରେ ଦର୍ଶନ ଦେଉଛନ୍ତି ପଟିଦିଅଁ । ଶ୍ରୀମନ୍ଦିରରେ ପଟିଦିଅଁଙ୍କ ନିକଟରେ ହେଉଛି ଦୈନନ୍ଦିନ ନୀତି । ସ୍ନାନ ପୂର୍ଣ୍ଣମୀରେ ଠାକୁରଙ୍କ ବାହୁଡ଼ା ପହଣ୍ଡି ପରେ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରୁ ଏକ ପଟୁଆର ଚିତ୍ରକରଙ୍କ ଘରୁ ଏହି ପଟିଦିଅଁ ଯାଇଥିଲେ । ପାରମ୍ପରିକ ପୂଜାର୍ଚ୍ଚନା ପରେ ଘଂଟ, ଛତା, କାହାଳି ସହ ପଟିଦିଅଁ ଶ୍ରୀମନ୍ଦିରକୁ ବିଜେ କରିଥିଲେ । ଆଜିଠାରୁ ଅଣସର ସମୟରେ ଗର୍ଭଗୃହରେ ଦାରୁ ମୂର୍ତ୍ତିମାନଙ୍କ ବଦଳରେ ପଟିଦିଅଁଙ୍କୁ ପୂଜା କରାଯାଉଛି । ମହାପ୍ରଭୁଙ୍କ ଏହି ଅନବସର ସମୟରେ ଜଗନ୍ନାଥଙ୍କ ସ୍ଥାନରେ ବିଷ୍ଣୁ ରୂପରେ ଅଲାରନାଥଙ୍କୁ ମଧ୍ୟ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁ ।

## ସେଚେଲ୍ସ ରାଷ୍ଟ୍ରପତିଙ୍କୁ ମୁରାଦାବାଦୀ ପିତଳ

### କଇଁଛ ଉପହାର ଦେଲେ ପ୍ରଧାନମନ୍ତ୍ରୀ


ନୂଆଦିଲ୍ଲୀ : ନିଜର ସେଚେଲ୍ସ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର



ମୋଦୀ ସେଠାକାର ରାଷ୍ଟ୍ରପତିଙ୍କୁ ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି, ତାହା ହେଉଛି 'ମୁରାଦାବାଦୀ ପିତଳ କଇଁଛ' । ପିତଳ ସହର ଭାବେ ପରିଚିତ ଉତରପ୍ରଦେଶର ମୋରାଦାବାଦର ବିଖ୍ୟାତ ପିତଳ ଶିଳ୍ପ ପରମ୍ପରାର ଏକ ଅନନ୍ୟ ନିଦର୍ଶନ ହେଉଛି ଏହି ପିତଳ କଇଁଛ । କୁଶଳୀ କାରିଗରମାନଙ୍କ ହାତରେ ତିଆରି ଏହି କଳାକୃତି, ଧାତୁ ଢଳେଇ, ଖୋଦେଇ ଏବଂ ଫିନିସିଂ କ୍ଷେତ୍ରରେ ଏହି ଅଂଚଳର ଅସାଧାରଣ ଦକ୍ଷତାକୁ ପ୍ରଦର୍ଶିତ କରିଥାଏ । ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ଭରା ପୃଷ୍ଠଭାଗ ଏବଂ ଚମକଦାର ଫିନିସିଂ ପିଢ଼ି ପିଢ଼ିର ଉନ୍ନତ କାରିଗରୀ କୌଶଳକୁ ପ୍ରତିଫଳିତ କରେ । ଭାରତୀୟ ଦର୍ଶନରେ, କଇଁଛ ହେଉଛି ଜ୍ଞାନ, ସ୍ଥିରତା, ସହନଶୀଳତା ଏବଂ ଦୀର୍ଘାୟୁର ଏକ ଚିରନ୍ତନ ପ୍ରତୀକ । ଏହି ଆଦର୍ଶଗୁଡ଼ିକ ସେଚେଲ୍ସ ସହିତ ଗଭୀର ଭାବରେ ଜଡ଼ିତ, ଯାହାର ପ୍ରାକୃତିକ ଐତିହ୍ୟ ସେଠାକାର ପ୍ରସିଦ୍ଧ 'ଆଲଡାବ୍ରା ବିଶାଳକାୟ କଇଁଛ' ସହ ଅବିଚ୍ଛେଦ୍ୟ ଭାବେ ଜଡ଼ିତ । ଏ ଧରଣର କଇଁଛ ବିଶ୍ୱର ସବୁଠାରୁ ବଡ଼ ଏବଂ ଦୀର୍ଘଜୀବୀ କଇଁଛ ପ୍ରଜାତିଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏସବୁ ଦୃଷ୍ଟିରୁ ଏହି ମୁରାଦାବାଦୀ ପିତଳ କଇଁଛ ଭାରତର କାରିଗରୀ ଶ୍ରେଷ୍ଠତାର ଏକ ପ୍ରକୃଷ୍ଟ ନିଦର୍ଶନ ହେବା ସହ ଏପରି ଏକ ପ୍ରତୀକ ଯାହା ସେଚେଲ୍ସ ପାଇଁ ବିଶେଷ ମହତ୍ତ୍ୱ ବହନ କରେ । ଏହା ଦୁଇ ଦେଶ ମଧ୍ୟରେ ଥିବା ସୁଦୃଢ଼ ବନ୍ଧୁତ୍ୱକୁ ପ୍ରତିଫଳିତ କରିବା ସହ ଜ୍ଞାନ ଏବଂ ପ୍ରକୃତି ସହିତ ସଦ୍ଭାବର ମିଳିତ ମୂଲ୍ୟବୋଧକୁ ଦର୍ଶାଏ ।

## ଜାରି ହେଲା ନ୍ୟାସନାଲ ଆମ୍ବୁଲାନ୍ସ ସର୍ଭିସେସ୍ ମାର୍ଗଦର୍ଶିକା

### ରୋଗୀଙ୍କୁ ମିଳିବ ଅତ୍ୟାଧୁନିକ ସେବା : ଜେ.ପି. ନଡ୍ଡା




ନୂଆଦିଲ୍ଲୀ : ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଜାତୀୟ ଆମ୍ବୁଲାନ୍ସ ସେବା ପାଇଁ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହି ନିର୍ଦ୍ଦେଶାବଳୀର ଲକ୍ଷ୍ୟ ହେଉଛି ସାରା ଦେଶରେ ଆମ୍ବୁଲାନ୍ସ ସେବାର ଗୁଣବତା, ସୁଗମତା, ଦକ୍ଷତା ଏବଂ ଗତି ପାଇଁ ସମାନ ମାନଦଣ୍ଡ ସ୍ଥାପନ କରିବା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ସମୟାନୁବର୍ତ୍ତୀ ଆମ୍ବୁଲାନ୍ସ ଯୋଗାଣ, ସୁରକ୍ଷିତ ଓ ଗୁଣବତାପୂର୍ଣ୍ଣ ଜରୁରିକାଳୀନ ଚିକିତ୍ସା ପରିବହନ ସେବା ଯୋଗାଇବା ।




# ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀ ଦିବସ' ପାଳିତ




ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର, ୩୦ ଜୁନ: ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ବାଲେଶ୍ୱର ପକ୍ଷରୁ ନୋସି ବିଜନେସ୍ ପାର୍କ, ବାମପଦାଠାରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ–୨୦୨୬' ର ଚତୁର୍ଥ ଦିବସରେ 'ଛାତ୍ର ଓ ଯୁବ ଉଦ୍ୟୋଗୀ ଦିବସ' ପାଳନ କରାଯାଇଥିଲା । କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗୀ ହେବା ପ୍ରତି ସଚେତନତା ସୃଷ୍ଟି କରିବା ସହ ସରକାରଙ୍କ ବିଭିନ୍ନ ସ୍ୱରୋଜଗାର ଓ ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା ସମ୍ପର୍କରେ ଅବଗତ କରାଇବା ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ ଲକ୍ଷ୍ମୀଧର ଜେନା, ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, ରେମୁଣା ଯୋଗଦେଇ ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବଦଳରେ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ହେବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ ନୂତନ ଚିନ୍ତାଧାରା, ଦକ୍ଷତା ଓ ସରକାରୀ ସହାୟତାକୁ ସଠିକ୍ ଭାବେ ବ୍ୟବହାର କରି ଯୁବକମାନେ ସଫଳ ଉଦ୍ୟୋଗୀ ହୋଇପାରିବେ ।ସମ୍ମାନିତ ଅତିଥି ଭାବେ ପ୍ରତାପ ଚନ୍ଦ୍ର ପାଢ଼ୀ, ନିର୍ଦ୍ଦେଶକ, ସିପେଟ୍, ମନୀଷ କୁମାର, ଡିଆଇପିଏ ଅଧିକାରୀ, କାର୍ତ୍ତିକ ଚନ୍ଦ୍ର ନାୟକ, ଜିଲ୍ଲା ମିଶନ ଶକ୍ତି ଅଧିକାରୀ, ଶାନ୍ତନୁ ବାନାର୍ଜୀ, ଉପ ମୁଖ୍ୟ ନିର୍ବାହୀ ଅଧିକାରୀ, ଓରମାସ, ସୂର୍ଯ୍ୟକାନ୍ତ ବେହେରା, ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର,ବାଲେଶ୍ୱର ଏବଂ ଶଶୀ ଶେଖର ବେହେରା, ପୂର୍ବତନ ସହକାରୀ ଶିଳ୍ପ ଅଧିକାରୀ, ଭଦ୍ରକ ଯୋଗଦେଇ ଉଦ୍ୟୋଗ କ୍ଷେତ୍ରର ସମ୍ଭାବନା, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍, ସ୍ୱରୋଜଗାର ଏବଂ ସରକାରୀ ଯୋଜନାଗୁଡ଼ିକର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱରର ବରିଷ୍ଠ ସହକାରୀ ଶିଳ୍ପ ଅଧିକାରୀ ମମତା ପରିଡ଼ା ସଂଚାଳନ କରିଥିଲେ । ଶେଷରେ ସହକାରୀ ଶିଳ୍ପ ଅଧିକାରୀ ସତ୍ୟବ୍ରତ ନାୟକ ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉଦ୍ୟୋଗୀତା ସମ୍ପର୍କିତ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଥିଲେ । କାର୍ଯ୍ୟକ୍ରମଟି ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବିକାଶ ଦିଗରେ ଏକ ସଫଳ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା ।

# ପଟିଦିଅଁ ଅଙ୍କନ ଉତ୍ସବର ପରିସମାପ୍ତି: ତିନି ପଟିଦିଅଁଙ୍କ ଆଠ ଜଗନ୍ନାଥ ମନ୍ଦିରକୁ ବିଜେ ଶୋଭାଯାତ୍ରା



ବାଲେଶ୍ୱର,(ନି.ପ୍ର.): ନୋସି କଲଚରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ରର ମିଳିତ ସହଯୋଗରେ ବାମପଦାସ୍ଥିତ ନୋସି ଉତ୍କଳା ପରିସରରେ ଆୟୋଜିତ ୬ଦିନିଆ ୧୨ତମ ପଟିଦିଅଁ ଅଙ୍କନ ଉତ୍ସବ ଭକ୍ତିମୟ ପରିବେଶରେ ଉଦ୍ ?ଯାପିତ ହୋଇଯାଇଛି । ଉତ୍ସବର ଅନ୍ତିମ ଦିବସରେ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଏବଂ ମା' ଭୁବନେଶ୍ୱରୀଙ୍କ ପଟିଦିଅଁ ବିଧିବଦ୍ଧ ଭାବେ ଆଠଟି ଜଗନ୍ନାଥ ମନ୍ଦିରକୁ ବିଜେ କରାଯାଇଥିଲା । ନୀଳଗିରି, ଶାସଙ୍ଗ, ଜୟଦେବ କସବା, ଗଣେଶ୍ୱରପୁର, ମଧୀପୁର, ବେତନଟି, ଛଣପୁର ଏବଂ ଦୁବଲାଗଡ଼ି ଜଗନ୍ନାଥ ମନ୍ଦିରରୁ ପଣ୍ଡା-ପୂଜକ ଓ ମନ୍ଦିର କର୍ମକର୍ତ୍ତାମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଧାରଣ କରି ତୁରୀ, ଭେରି, ଘ[, ଖୋଳ, କରତାଳ ଓ ଶଙ୍ଖଧ୍ୱନି ସହ ନାମସଂକୀର୍ତ୍ତନ କରି ସନ୍ଧ୍ୟା ପ୍ରାୟ ୬ଟାରେ ପଟିଦିଅଁ ଅଙ୍କନ ସ୍ଥଳରେ ପହଂଚିଥିଲେ ।ଅପରାହ୍ଣ ୪ଟାରେ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ, ଦେବାଶିଷ ପତି, ରୂପକ ଦାସ, ଗଦାଧର ମହାନ୍ତି, ପପୁନ ପ୍ରଧାନ, ପ୍ରଦୀପ ବାଡ଼ି, ଶୁଭମ୍ ରାଉତ, ସମୀର ବେହେରା ଏବଂ ବୀରେନ ଦାସଙ୍କ ସମେତ ସମସ୍ତ ଚିତ୍ରକର ପଟିଦିଅଁଙ୍କ ନିକଟରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । 'ଜୟ ଜଗନ୍ନାଥ' ଓ 'ଜୟ ପଟିଦିଅଁ' ଧ୍ୱନି ସହ ସମଗ୍ର ପରିସର ଭକ୍ତିମୟ ପରିବେଶରେ ପ୍ରକମ୍ପିତ ହୋଇଉଠିଥିଲା ।ଚାନ୍ଦିପୁର ପିକ୍ସଆଇର ନିର୍ଦ୍ଦେଶକ ଡ. ସୁବୋଧ କୁମାର ନାୟକଙ୍କ ସମେତ ସଂସ୍ଥାର କର୍ମଚାରୀ, ନୋସି କଲଚରାଲ ଏକାଡେମୀର କର୍ମକର୍ତ୍ତା ଏବଂ ବହୁ ଜଗନ୍ନାଥପ୍ରେମୀ ଏହି ଦିବ୍ୟ ଓ ଆକର୍ଷଣୀୟ ପଟିଦିଅଁ ବିଜେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ଜଉକଣ୍ଢେଇ କଳା କ୍ଷେତ୍ରରେ ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ସମୀର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବକୁ ସଫଳ ଓ ସରସ ସୁନ୍ଦର କରିବାରେ ପ୍ରଶାନ୍ତ ବେହେରା, ରାଘବ ବିଶ୍ୱାଳ, ଶୁଭ୍ରାଂଶୁ ଶେଖର ସାହୁ, ଶଶାଙ୍କ ଶେଖର ସାହୁ ଓ ସୁନାରାମ ସିଂହ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ବାଲେଶ୍ୱରରେ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବିରେ କ୍ରିୟାନୁଷ୍ଠାନ କମିଟିର ବୈଠକରେ ଆନ୍ଦୋଳନ ପାଇଁ ନିଷ୍ପତି

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟ ସେବାରେ ବିପର୍ଯ୍ୟୟ ଓ ଏହାର ସମାଧାନ ସଂପର୍କରେ ରବିବାର ଦିନ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ 'ବିଚାର ବିମର୍ଶ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜୁଲାଇ ଶେଷ ସପ୍ତାହରେ ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବ୍ଲକ୍ ଓ ପ□ାୟତ ସ୍ତରରେ ଥିବା ସ୍ଥାନୀୟ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦାମାନେ ଗୋଟିଏ ଦିନ ଗଣବିକ୍ଷୋଭ ଓ ଗଣଧାରଣା ଦେବାକୁ ନିଷ୍ପ□ ନିଆଯାଇଛି । ଆସନ୍ତା ଅଗଷ୍ଟ ପହିଲା ଦିନ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମ୍ସ ସାଟେଲାଇଟ୍ ସେ□ର ସମ୍ମୁଖରେ ଜିଲ୍ଲାସ୍ତରୀୟ ଗଣବିକ୍ଷୋଭ ପାଇଁ କ୍ରିୟାନୁଷ୍ଠାନ କମିଟିର ବୈଠକରେ ଆହ୍ୱାନ ଦିଆଯାଇଛି ।

ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ସଭାରେ ବହୁ ସାମାଜିକ, ଗଣସଂଗଠନ ଓ ରାଜନୈତିକ ଦଳର ନେତୃବୃନ୍ଦ ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର, ନର୍ସ ଓ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଏବଂ ଫକୀରମୋହନ ମେଡିକାଲ୍ କଲେଜରେ ହୃଦରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟ ଜନିତ ଗୁରୁତର ରୋଗର ଚିକିତ୍ସା ପାଇଁ ସଂପୃକ୍ତ ବିଭାଗଗୁଡ଼ିକ ନଥିବାରୁ ରୋଗୀମାନଙ୍କୁ କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି । ମେଡିକାଲ୍ କଲେଜରେ ଆବଶ୍ୟକୀୟ ପ୍ରଫେସର, ସହକାରୀ ପ୍ରଫେସର ପ୍ରଭୃତି ବହୁ ପଦବୀ ଖାଲି ପଡ଼ିଛି । ତେଣୁ ଡାକ୍ତରୀ ପାଠ ପଢୁଥିବା ଶିକ୍ଷାର୍ଥୀ ଓ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ସାତବର୍ଷ ପୂର୍ବରୁ ବାଲେଶ୍ୱରରେ ପ୍ରତିଷ୍ଠିତ ଏମ୍ସ ସାଟେଲାଇଟ୍ ସେ□ରରେ ସପ୍ତାହକୁ ମାତ୍ର ଦୁଇଦିନ ବହିର୍ବିଭାଗ କାର୍ଯ୍ୟ କରୁଛି । ସେଠାରେ ରୋଗ ନିରୂପଣ ପାଇଁ କୌଣସି ଯନ୍ତ୍ରପାତି କିମ୍ବା ବୈଷୟିକ କର୍ମଚାରୀ ନାହାନ୍ତି । ତେଣୁ ରୋଗୀସଂଖ୍ୟା ହ୍ରାସ ପାଉଛି ବୋଲି ସାଧାରଣ ସଂପାଦକ ପ୍ରଦୀପ ଦାସ ବୈଠକରେ ପ୍ରକାଶ କରିଥିଲେ । ତେଣୁ ବାଲେଶ୍ୱର ଜିଲ୍ଲାରେ ଥିବା ଏମ୍ସ ସାଟେଲାଇଟ୍ ସେ□ର, ମେଡିକାଲ୍ କଲେଜ୍ ହସ୍ପିଟାଲ୍ ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱୟଂସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ବହୁ ବକ୍ତା ଦାବି କରିବା ସହ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ଆନ୍ଦୋଳନର ପ୍ରସ୍ତାବ ଆଗତ କରିଥିଲେ । ଭୋଗରାଇର ବିଧାୟକ ଗୌତମବୁଦ୍ଧ ଦାସ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଅନ୍ତର୍ଯ୍ୟାମୀ ପ୍ରଧାନ, ରଘୁନାଥ ଲେଙ୍କା, ବିପ୍ଳବ କୁମାର ମହାନ୍ତି, ଡ. କେଶବ ଚରଣ ପଣ୍ଡା, ଇଂ. ବନମାଳୀ ନାୟକ, ଗଙ୍ଗାଧର ରାଉତ, ଡ. କ୍ଷିତୀଶ୍ୱର ଦାଶ, ନାରୀନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଓ ବନ୍ଦନା ବିଶ୍ୱାସ, କଲ୍ୟାଣୀ ନନ୍ଦ, ପୂର୍ବତନ ସରପ□ ବିଧାନ ଚନ୍ଦ୍ର ରାୟ, କହ୍ନେଇ ଚରଣ ଦାସ, ପ୍ରଦୀପ କୁମାର ବେହେରା, କହ୍ନେଇ ଚରଣ ବେହେରା, ରାଧାକୃଷ୍ଣ ଜେନା, ବେଣୁଧର ବାରିକ, ଅରୁଣ ଜେନା ବିଭିନ୍ନ ଆ□ଳିକ ବ୍ଲକ୍ କମିଟି ପକ୍ଷରୁ ନବକିଶୋର ଦାସ, କୁମୁଦ ରଂଜନ ଗିରି, ଶତ୍ରୁଘ୍ନ ମଲ୍ଲିକ, ପିତାମ୍ବର ଦାସ, କମଳ ଲୋଚନ ବାରିକ, ତରୁଣ ଦାସ, ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା ଓ ତୁଷାରକାନ୍ତି ମହାପାତ୍ର ପ୍ରମୁଖ ଆଗାମୀ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ । ଜାତୀୟ ରାଜପଥ ଅବରୋଧ, ବିଧାନସଭା ସମ୍ମୁଖରେ ଗଣଧାରଣା ଓ ଜିଲ୍ଲାର ନିର୍ବାଚିତ ବିଧାୟକ ଓ ସାଂସଦଙ୍କ ବାସଭବନ ସମ୍ମୁଖରେ ଗଣଧାରଣା ପ୍ରସ୍ତାବ ଉପରେ ଆଗାମୀ ବୈଠକରେ ନିଷ୍ପ□ ନିଆଯିବ ବୋଲି ସଭାପତି ଶ୍ରୀ ପରିଡ଼ା ଘୋଷଣା କରିଥିଲେ । 'ସ୍ୱାସ୍ଥ୍ୟ ହିଁ ସଂପଦ' ଏହି ଆପ୍ତବାକ୍ୟାନୁସାରେ ବାଲେଶ୍ୱରବାସୀ ଦଳମତ ନିର୍ବିଶେଷରେ ଆଗାମୀ ଆନ୍ଦୋଳନରେ ଯୋଗଦେବାକୁ ବୈଠକରେ ନିବେଦନ କରାଯାଇଛି । ଶେଷରେ ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କ୍ରୀଷ୍ଣା ଶାହା, ଯତୀନ୍ ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିଲେ ।

# ରେମୁଣାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ସିପିଆଇଏମ



ବାଲେଶ୍ୱର(ନି.ପ୍ର.)ମଙ୍ଗଳବାର,ରାଜ୍ୟ ଓ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, କ୍ରମବର୍ଦ୍ଧିଷ୍ଣୁ ଅପରାଧ, ଭିଡ଼ ହିଂସା, ସାମ୍ପ୍ରଦାୟିକ ଉତେଜନା, ମହିଳା–ଶିଶୁଙ୍କ ପ୍ରତି ବୃଦ୍ଧି ପାଉଥିବା ଅତ୍ୟାଚାର, ସାଇବର ଅପରାଧ ଓ ସଂଗଠିତ ମାଫିଆ ରାଜ ବିରୋଧରେ ତ୍ୱରିତ ଓ ଦୃଢ଼ ପଦକ୍ଷେପ ଦାବିରେ ସିପି ଆଇ ଏମ ରେମୁଣା ଆଂଚଳିକ କମିଟି ତରଫରୁ ସିପି ଆଇ ଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରେମ ରଞ୍ଜନ ପାତ୍ର ଙ୍କ ନେତୃତ୍ୱ ରେ ରେମୁଣା ବଜାର ଠାରୁ ରେମୁଣା ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଯାଇ ବିକ୍ଷୋଭ ପ୍ରଦଶନ କରି ରେମୁଣା ଥାନା ଅଧିକାରୀ ଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର ଙ୍କୁ ନିମ୍ନ ଦାବୀ ପତ୍ର ପ୍ରଦାନ କରିଥିଲେ ।

୧)ରାଜ୍ୟ ଓ ଜିଲ୍ଲା ବ୍ୟାପୀ ଅପରାଧ, ଗୁଣ୍ଡାରାଜ ଓ ମାଫିଆ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଉ ।୨)ବାଲିଅନ୍ତା ଭିଡ଼ ହିଂସା ହତ୍ୟା ଏବଂ କଲ୍ୟାଣସିଂହପୁର ଘଟଣା ସମେତ ସମସ୍ତ ଭିଡ଼ ହିଂସା ମାମଲାର ଫାଷ୍ଟ-ଟ୍ରାକ୍ ତଦନ୍ତ କରାଯାଉ ।ଭିଡ଼ ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଏସ ଓ ପି/ଝଙଚ ପ୍ରଣୟନ କରାଯାଉ ।୩) ସାମ୍ପ୍ରଦାୟିକ ହିଂସା ଓ ଘୃଣା ପ୍ରଚାରକାରୀ ଶକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଉ,ଆତ୍ମଘୋଷିତ ଗୋ-ରକ୍ଷକ ବାହିନୀ ଏବଂ ଆଇନକୁ ହାତକୁ ନେଉଥିବା ସମସ୍ତ ଗୋଷ୍ଠୀକୁ ନିୟନ୍ତ୍ରଣ କରାଯାଉ ।୪)ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ତଦନ୍ତ ପାଇଁ ସ୍ୱତନ୍ତ୍ର ବିଶେଷ ତଦନ୍ତକାରୀ ୟୁନିଟ୍ ଗଠନ କରାଯାଉ ।୫)ପ୍ରତ୍ୟେକ ଜିଲ୍ଲାରେ ସାଇବର କ୍ରାଇମ୍ ୟୁନିଟ୍, ମହିଳା ସୁରକ୍ଷା ସେଲ୍ ଓ ସିନିୟର ସିଟିଜେନ/ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ।୬)ପୋଲିସ ବିଭାଗରେ ଥିବା ସମସ୍ତ ଖାଲି ପଦବୀ ତୁରନ୍ତ ପୂରଣ କରାଯାଉ,ପୋଲିସ ପ୍ରଶାସନକୁ ରାଜନୈତିକ ପ୍ରଭାବମୁକ୍ତ ରଖି ଆଇନର ନିରପେକ୍ଷ ପ୍ରୟୋଗକୁ ସୁନିଶ୍ଚିତ କରାଯାଉ, ଏବଂ ଅପରାଧ ନିୟନ୍ତ୍ରଣ, ଭିଡ଼ ହିଂସା ରୋକିବା ଓ ମହିଳା–ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟଧାରା ରିପୋର୍ଟ ପ୍ରତି ତିନି ମାସରେ ସାର୍ବଜନୀନ କରାଯାଉ ।ଏହି ଦାବୀ ଗୁଡ଼ିକ ଉପରେ ବକ୍ତା ସି.ପି.ଆଇ.(ଏମ୍) ରାଜ୍ୟ କମିଟି ସଭ୍ୟ ସାଥୀ ନିର୍ମଳ ନାୟକ ଅତ୍ୟନ୍ତ କ୍ଷୋଭର ସହିତ ପରି ପ୍ରକାଶ କରୁଛନ୍ତି ଯେ, ରାଜ୍ୟ ଓ ଜିଲ୍ଲା ଆଜି ଏପରି ଏକ ପରିସ୍ଥିତିରେ ଉପନୀତ ହୋଇଛି ଯେଉଁଠାରେ ଅପରାଧୀଙ୍କ ମନରେ ଆଇନ ପ୍ରତି ଭୟ କମୁଛି ଏବଂ ସାଧାରଣ ନାଗରିକଙ୍କ ମନରେ ଅସୁରକ୍ଷା ବଢୁଛି ବୋଲି ବକ୍ତବ୍ୟ ରଖି ଥିଲେ । ଆଂଚଳିକ କମିଟି ସମ୍ପାଦକ ସାଥୀ ହରିପ୍ରିୟା ଜେନା, ସାଥୀ ଷ୍ଟାଲିନ ମିଶ୍ର, ସାଥୀ ଦେବବ୍ରତ ମାଝୀ, ବକ୍ତବ୍ୟ ରଖିଥିଲେ,ସୁଦର୍ଶନ ବେହେରା, ସିକନ୍ଦର ଖାଁ,ବିରେନ୍ଦ୍ର ସିଂ, ସୁଦର୍ଶନ ଆଚାର୍ଯ୍ୟ, ଅଜୁ ସିଂ, ଅତୁଲ କୁ ଜେନା, ଜୟନ୍ତ ଦଳାଇ, ସଞ୍ଜୟ ଗିରି ପ୍ରମୁଖ ବିକ୍ଷୋଭ କୁ ସହଯୋଗ କରିଥିଲେ ।ଉକ୍ତ ଦାବୀ ପତ୍ର ରେମୁଣା ଥାନା ର ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ସୁବାସ କୁମାର ମଲ୍ଲିକଙ୍କୁ ପ୍ରତିନିଧି ଦଳ ପ୍ରଦାନ କରିଥିଲେ ।

# ମୌସୁମୀ ମୁକାବିଲା ପାଇଁ TPNODLର ପ୍ରସ୍ତୁତି; ଉପଭୋକ୍ତାଙ୍କୁ ସୁରକ୍ଷା ପରାମର୍ଶ ଜାରି

ବାଲେଶ୍ୱର,(ନି.ପ୍ର.): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ମୌସୁମୀ ବର୍ଷା ପ୍ରସ୍ତୁତି ଅଭିଯାନର ପଦକ୍ଷେପ ସ୍ୱରୂପ ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପ ପ୍ରତି ଗୁରୁତ୍ୱ ଦିଆଯାଇଛି । ମୌସୁମୀ ଋତୁରେ ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଟିପିଏନ୍ଓଡିଏଲ୍ ଲକ୍ଷ୍ୟ ରଖିଥିବା ବେଳେ ଉପଭୋକ୍ତା, କର୍ମଚାରୀଙ୍କ ପାଇଁ ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି । ସଚେତନ ଓ ଦାୟିତ୍ୱବାନ ଆଭିମୁଖ୍ୟ ଗ୍ରହଣ କରିବା ଲାଗି କମ୍ପାନି ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି । ମୌସୁମୀ ଋତୁରେ ଦେଖାଦେଉଥିବା ବିଦ୍ୟୁତ୍ ଜନିତ ଘଟଣାଗୁଡ଼ିକୁ ନଜରରେ ରଖି କେତେକ ସରଳ ପ୍ରତିଷେଧମୂଳକ ପଦକ୍ଷେପ ଘୋଷଣା ମଧ୍ୟ କରାଯାଇଛି । ଏହା ଦ୍ୱାରା ବର୍ଷା ଋତୁରେ ବିଦ୍ୟୁତ୍ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ଓ ଧନଜୀବନ ସୁରକ୍ଷିତ ରହି ପାରିବ । ଜଳମଗ୍ନ କିମ୍ବା ମିଟର କ୍ୟାବିନ୍ ?ରେ ଲିକେଜ୍ ଭଳି ଘଟଣାରେ ମେନ୍ ସ୍ୱିଚକୁ ବନ୍ଦ କରିବା, ଓୟାରିଂରେ କିଛି ପରିବର୍ତ୍ତନ ହୋଇଥିଲେ ତାକୁ ଭଲ ଭାବେ ଯାଂଚ କରିବା, ଜଣେ ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ତାହା ପରୀକ୍ଷା କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି । କୌଣସି ବିଦ୍ୟୁତ୍ ଭିତିଭୂମିକୁ ଓଦା ହାତରେ ସ୍ପର୍ଶ ନ କରିବା, ଅନୁମୋଦିତ ଲୋଡ୍ ?ଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର ନ କରିବାକୁ ମଧ୍ୟ କୁହାଯାଇଛି । ମୌସୁମୀ ଋତୁରେ ତଳେ ପଡ଼ିଥିବା ବିଦ୍ୟୁତ୍ ତାର ଉପରେ ଗାଡ଼ି ନ ଚଳାଇବା, ଷ୍ଟ୍ରିଟ୍ ?ଲାଇଟ୍? ଖୁ[ କିମ୍ବା ବ[ନ ସ୍ତମ୍ଭରେ ଯଦି କୌଣସି ସ୍ପାର୍କ ଦେଖାଯାଉଛି; ତେବେ ତାକୁ ସ୍ପର୍ଶ ନ କରି ତୁରନ୍ତ ଉପଭୋକ୍ତା ସହାୟତା ନମ୍ବରରେ ଯୋଗାଯୋଗ ଯୋଗାଯୋଗ କରିବା, ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁ[ ନିକଟରେ ଅଳିଆ ନ ପକାଇବା, ବିଶେଷତଃ ପିଲାଙ୍କୁ ବିଦ୍ୟୁତ ଭିତିଭୂମି ନିକଟକୁ ନଛାଡିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଦର୍ଶାଯାଇଛି । ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସହାୟତା ପାଇଁ ଉପଭୋକ୍ତା ସହାୟତା ନମ୍ବର ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨କୁ କଲ୍ କରିବାକୁ ଟିପିଏନ୍ଓଡିଏଲ୍ ପକ୍ଷରୁ ଦର୍ଶାଯାଇଛି ।ଏ ସମ୍ପର୍କରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଶ୍ରୀ ଦୃଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି ଯେ, ସୁରକ୍ଷା ହେଉଛି ଟିପିଏନଓଡ଼ିଏଲର ସର୍ବୋଚ୍ଚ ପ୍ରାଥମିକତା । ବର୍ଷା ଋତୁରେ ଧନଜୀବନ ସୁରକ୍ଷା ସହିତ ଗୁଣାତ୍ମକ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବାକୁ କମ୍ପାନୀ ପ୍ରତିବଦ୍ଧ ରହିଛି । ଏହା ସହ ସମସ୍ତ ଉପଭୋକ୍ତାଙ୍କୁ ସଚେତନ ରହିବା ତଥା ବୈଦ୍ୟୁତିକ ସୁରକ୍ଷା ପଦ୍ଧତିକୁ ଅନୁସରଣ କରିବାକୁ ଶ୍ରୀ ତ୍ୟାଗୀ ପରାମର୍ଶ ଦେଇଛନ୍ତି । ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ଟିପିଏନଓଡିଏଲ ଗତ କିଛିବର୍ଷ ମଧ୍ୟରେ ଅନେକ ପଦକ୍ଷେପ ନେବା ସହ ଏହି ଦିଗରେ ପ୍ରୟାସକୁ ଦ୍ୱିଗୁଣିତ କରିଛି । ଭିତିଭୂମି ସୁଦୃଢ଼ୀକରଣ ଏବଂ ତ୍ୱରିତ ସମାଧାନ ଦିଗରେ ଗୁରୁତ୍ୱ ଦେଇ କମ୍ପାନୀ ମୌସୁମୀ ଋତୁରେ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି । ସୁରକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେବା ସହ କ୍ଷେତ୍ର କର୍ମଚାରୀଙ୍କ ପାଇଁ ପିପିଇ ଓ ସୁରକ୍ଷା ଉପକରଣ ଯୋଗାଣ ତଥା ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଛି । ପରିଚାଳନା ସାମର୍ଥ୍ୟକୁ ବୃଦ୍ଧି କରିବା ସହ ଭିତିଭୂମି ସୁଦୃଢ଼ୀକରଣ କରିବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ।



# ବାଲେଶ୍ୱରରେ ବଜ୍ରପାତର ତାଣ୍ଡବ: ପୃଥକ ପୃଥକ ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ

ବାଲେଶ୍ୱର(ନି.ପ୍ର.): ଆଜି ଅପରାହ୍ନରେ ବାଲେଶ୍ୱର ଜିଲ୍ଲାରେ କଳାହାଣ୍ଡିଆ ମେଘ ସହ ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁଁ ଦୁଇଟି ପୃଥକ ସ୍ଥାନରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଗୋଟିଏ ଘଟଣାରେ ମହିଳା ଜଣକ ଛାତ ଉପରକୁ ଲୁଗା ଆଣିବାକୁ ଯାଇଥିବା ବେଳେ ଅନ୍ୟ ଘଟଣାରେ ଜଣେ ବୃଦ୍ଧ ରାସ୍ତାରେ ଯାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଛନ୍ତି । ଟାଉନ ଥାନା ଅନ୍ତର୍ଗତ ଗୋପାଳଗାଁ ଚୂନଭାଟି ଅଂଚଳର କନକଲତା ପଳେଇ(୬୫) ଆଜି ଅପରାହ୍ନରେ ହଠାତ୍ ମେଘ ଘୋଟି ଆସିବାରୁ ଶୁଖିଲା ଲୁଗା ଆଣିବା ପାଇଁ ଛାତକୁ ଯାଇଥିଲେ । ଲୁଗା ସାଉଁଟୁଥିବା ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପରିବାର ଲୋକେ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ସଦର ଥାନା ଅନ୍ତର୍ଗତ ଟିଆଖିଆ ଅଂଚଳର ୬୮ ବର୍ଷୀୟ ମଧୁସୂଦନ ମହାନ୍ତିଙ୍କ ମୃତ୍ୟୁ ହୋଇଛି । ସେ ବିଲକୁ ଗାଈ ଆଣିବା ପାଇଁ ରାସ୍ତାରେ ଯାଉଥିବା ବେଳେ ବଜ୍ରାଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ଉଭୟ ମୃତକଙ୍କ ଶବ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛି । ଗୋଟିଏ ଦିନରେ ଦୁଇ ଦୁଇଟି ବଜ୍ରାଘାତ ମୃତ୍ୟୁ ଘଟଣା ଜିଲ୍ଲାରେ ଶୋକର ଛାୟା ଖେଳାଇ ଦେଇଛି ।

# ଓମ୍ସାର କଳାବ୍ୟାଚ୍ ପରିଧାନ ଆଜି

ବାଲେଶ୍ୱର ଆସନ୍ତାକାଲି ଜାତୀୟ ଡାକ୍ତର ଦିବସ,ଜାତୀୟ ଡାକ୍ତର ଦିବସରେ କାର୍ଯ୍ୟ ରେ ଯୋଗଦେବେ ନାହିଁ ଓମସା କମିଟି ନିର୍ଦ୍ଦେଶ କ୍ରମେ ଡାକ୍ତର ମାନେ ୧୦ଦଫା ଦାବି ନେଇ ସିଡିଏମ ଓଙ୍କ କାଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିବେ, ଏନେଇ ସମସ୍ତ ଜରୁରୀ କାଳୀନ ସେବା ସହିତ ସମସ୍ତ ଚିକିତ୍ସା ସେବା ବନ୍ଦ ରଖିବେ ଓମସା ଅଧିନରେ ଥିବା ଡାକ୍ତର ମାନେ,ଏନେଇ ଜାନୁଆରୀ ମାସରେ ଏନେଇ ଆନ୍ଦୋଳନ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବ କମିଟି ଗଠନ କରି ସମସ୍ୟା ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ପଯ୍ୟନ୍ତ କାଯ୍ୟକାରୀ ନହେବା ଯୋଗୁଁ ଡାକ୍ତର ମାନେ ଆନ୍ଦୋଳନ କୁ ଅଳାଇବେ ବୋଲି ସଂଘ କହିଛି ।ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିକଳ୍ପ ପନ୍ଥା ଅବଲମ୍ବନ କରାଯାଇ ଜରୁରୀ କାଳୀନ ସେବା ସହିତ ଡାକ୍ତର ସେବା ଜାରି ରହିବ ବୋଲି ସୂଚନା ମିଳିଛି ।

# ଦିବଂଗତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ପରଲୋକ



ବାଲେଶ୍ୱର,(ନି.ପ୍ର.): ରାଣୀପାଟଣା ବ୍ୟାଙ୍କ କଲୋନୀ ନିବାସୀ ସମସ୍ତଙ୍କ ପ୍ରିୟ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ଭୀଷ୍ମ ପିତାମହ ଦିବଂଗତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଆଶୁତୋଷ ଦାସଙ୍କ ଗତ ରାତି ୧୦ଟା ସମୟରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୮୩ ବର୍ଷ ବୟସରେ ପରଲୋକ ଗମନ ହୋଇଛି । ସେ ବିଭିନ୍ନ ହାଇସ୍କୁଲ୍‌ରୁ ପ୍ରଧାନଶିକ୍ଷକ ରୂପେ ସୁଚାରୁ ରୂପେ କାର୍ଯ୍ୟ କରି ୨୦୦୧ରେ ଅବସର ଗ୍ରହଣ କରି ରାଣୀପାଟଣାରେ ନିଜ ଘର କରି ରହିଆସୁଥିଲେ । ତାଙ୍କର ତିନି ପୁତ୍ର ଓ ଏକମାତ୍ର କନ୍ୟା ଅଛନ୍ତି । ସ୍ୱର୍ଗତ ଦାସ କେବଳ ଜଣେ ଅଭିଜ୍ଞ ବିଜ୍ଞାନ ଓ ଗଣିତ ଶିକ୍ଷକ ନଥିଲେ ବରଂ ଅତ୍ୟନ୍ତ ସ୍ନେହୀ ଓ ଦୟାଳୁ ମଣିଷ ଥିଲେ । ସବୁ ଛାତ୍ରଛାତ୍ରୀମାନଙ୍କୁ ପୁତ୍ରକନ୍ୟା ଭଳି ଆଦର କରୁଥିଲେ । ସେ ଅଗ୍ରୱାଲା ବିଦ୍ୟାପୀଠ, ହଳଦୀପଦାରେ ତା ୧୫-୦୭-୧୯୭୧ରିଖରୁ ତା୧୫-୦୬-୨୦୦୦ରିଖ ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ନିଜର କାର୍ଯ୍ୟଦକ୍ଷତା ପ୍ରମାଣ କରିଥିଲେ । ଗତ ଜାନୁଆରୀ ମାସରେ ଅଗ୍ରୱାଲା ବିଦ୍ୟାପୀଠ, ହଳଦୀପଦାରେ ପାଳିତ ହୋଇଥିବା ହୀରକ ଜୟନ୍ତୀ ଉତ୍ସବରେ ଉପସ୍ଥିତ ରହି ସମସ୍ତ ପୁରାତନ ଓ ବ□ମାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ହୃଦୟରେ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲେ । ତାଙ୍କ ନିକଟରୁ ଶିକ୍ଷାଲାଭ କରି ଓଡ଼ିଶା ଓ ଓଡ଼ିଶା ବାହାରେ ତଥା ବିଦେଶରେ ବିଭିନ୍ନ ପଦପଦବୀରେ ରହି ଛାତ୍ରାଛାତ୍ରୀମାନେ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ମୃତ୍ୟୁ ଖବର ଶୁଣି ଆଜି ସକାଳେ ବାଲେଶ୍ୱରର ଶିଳ୍ପପତି ତଥା ସମାଜସେବୀ ଦିଲ୍ଲୀପ କୁମାର ସାହୁ, ହଳଦୀପଦା ପୁରାତନ ଛାତ୍ରସଂସଦର ସଭାପତି ଉପେନ୍ଦ୍ରନାଥ ସାହୁ, ସଂପାଦକ କ୍ଷିତୀଶ ଚନ୍ଦ୍ର ଜେନା, ବରିଷ୍ଠ ଛାତ୍ର ତଥା ଉପଦେଷ୍ଟା ତାପସ କୁମାର ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ପୁରାତନ ଅବସରପ୍ରାପ୍ତ ଶିକ୍ଷକ ଡ. କୁମାର ଚନ୍ଦ୍ର ମିଶ୍ର, ଛାତ୍ର ଅକ୍ଷୟ କୁମାର ଦାସ, ସ୍ନେହଲତା ପତି ଏବଂ ବହୁ ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ, ପଡ଼ୋଶୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ । ଇତ୍ୟବସରରେ ତାଙ୍କର ପ୍ରଥମ କର୍ମସ୍ଥଳୀ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠରେ ବ□ମାନ ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ସ୍ୱର୍ଗତ ପ୍ରିୟ ସାର୍‌ଙ୍କ ବିୟୋଗରେ ସବୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ଦାସଙ୍କର ଧର୍ମପତ୍ନୀ, ତିନିପୁତ୍ର ଓ ଏକମାତ୍ର କନ୍ୟା ଆସିବା ପରେ ତାଙ୍କୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ।





# ସରକାରୀ ଯନ୍ତ୍ରୀଙ୍କୁ ଦିଆଗଲା ଅବସରକାଳୀନ ସମ୍ବର୍ଦ୍ଧନା



ନୟାଗର(ନିପ୍ର): ନୟାଗଡ ବ୍ଲକର ସରକାରୀ ଯନ୍ତ୍ରୀ ଚନ୍ଦ୍ର ଶେଖର ସାମନ୍ତରାୟ ଅବସର ଗ୍ରହଣ କରିଛନ୍ତି । ଏହି ଅବସରର ନୟାଗଡ ବ୍ଲକ ପରିସରରେ ଏକ ଭାବ ଗମ୍ଭୀର ପରିବେଶର ଶ୍ରୀଯୁକ୍ତ ସାମନ୍ତ ରାୟଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଆବେଗ ଭରା ସଭାରେ ବିଡ଼ିଓ ଐଶୂର୍ଯ୍ୟା ଭୂୟାଁ ଯୋଗ ଦେଇ ସାମନ୍ତରାୟ ଙ୍କ ଚାକିରୀ ଜୀବନର ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ସମୟାନୁବର୍ତ୍ତିତା, କର୍ତ୍ତ୍ୱ୍ୟ ପରାୟଣତା, ସାଧୁତା, ସ୍ୱଷ୍ଟ ବାଦିତା ଗୁଣ ଅନ୍ୟ ମାନଙ୍କର ଧେୟ ହେଉ ବୋଲି ପ୍ରକାଶ କରିଥିଲେ । ସେହିପରି ବ୍ଲକ ଚେୟାରମ୍ୟାନ ସାମନ୍ତରାୟ ବାବୁଙ୍କ ଅବସରଜୀବନ ଶାନ୍ତିମୟ ହେଉ ବୋଲି ପ୍ରକାଶ କରିଥିଲେ । ଚାକିରି ଜୀବନରେ ଯନ୍ତ୍ରୀ ସାମନ୍ତରାୟ ନିଜର ମିଶାଣିଆ ଗୁଣ ଯୋଗୁଁ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ଏହି ଅବସର କାଳୀନ ସଭାରେ ଅନ୍ୟ ମାନଙ୍କ ମଧରେ ବ୍ଲକର ଏବିଡ଼ିଓ , ଡବ୍ଲୁ.ଏ.ଇ., ଆକାଉଂଟସ ଅଫିସର, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଉପାଧକ୍ଷ, ବ୍ଲକର ସମସ୍ତ କର୍ମଚାରୀ ଏହି ଅବସରକାଳୀନ ସଭାରେ ଉପସ୍ଥିତ ଥିଲେ ।

# ପିଏମ ସ୍ୱ-ନିଧି ଯୋଜନାର ଜିଲ୍ଲାସ୍ତରୀୟ ମହୋତ୍ସବ

ନୟାଗଡ଼(ନିପ୍ର): ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ଓ ନୟାଗଡ଼ ପୌର ପରିଷଦର ମିଳିତ ଆୟୋଜନରେ ଆଜି ପଠାଣି ସାମନ୍ତ ସଂସ୍କୃତି ଭବନରେ ପିଏମ ସ୍ୱ-ନିଧି ଯୋଜନାର ୬ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ମହୋତ୍ସବ ଉତ୍ସାହ ଓ ଆଡମ୍ବରର ସହିତ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ କହିଥିଲେ ଯେ, ସହରାଂଚଳର ଅର୍ଥନୈତିକ ବିକାଶ ଓ ସମୃଦ୍ଧିରେ କ୍ଷୁଦ୍ର ବ୍ୟବସାୟୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କ ପିଏମ ସ୍ୱ-ନିଧି ଯୋଜନା ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଆର୍ଥିକ ସୁରକ୍ଷା ଯୋଗାଇବାରେ ଫଳପ୍ରଦ ହୋଇଛି । ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଯେ, କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ସରକାରଙ୍କ ଋଣ ସହାୟତା ଯୋଜନା ସେମାନଙ୍କ ଆର୍ଥିକ ଉନ୍ନତି ସହ ପରିବାରର ଜୀବନଯାପନରେ ସକାରାତ୍ମକ ପରିବର୍ତ୍ତନ ଆଣୁଛି । ନୟାଗଡ଼ ପୌରାଧକ୍ଷା ନିରୂପମା ଖଟେଇଙ୍କ ଅଧକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଧାର, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ପ୍ରକାଶ କୁମାର ସାହୁଙ୍କ ସମେତ ଖଣ୍ଡପଡା, ରଣପୁର, ଦଶପଲ୍ଲା ଓ ଓଡ଼ଗାଁ ସହରାଂଚଳର ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ସମସ୍ତ ଏନଏସି ଓ ପୌର ପରିଷଦର ଉପାଧକ୍ଷ, କାଉନସିଲର ଓ କର୍ମଚାରୀମାନେ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲାର ପାଂଚଟି ସହରାଂଚଳରୁ ପ୍ରାୟ ୬୦୦ ଜଣ କ୍ଷୁଦ୍ର ବ୍ୟବସାୟୀ ଏହି ମହୋତ୍ସବରେ ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୬୮ ହିତାଧିକାରୀଙ୍କୁ ଋଣ ସହାୟତା ପ୍ରଦାନ କରାଯାଇଥିବା ବେଳେ, ଉନ୍ନତମାନର ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା କିଛି କ୍ଷୁଦ୍ର ବ୍ୟବସାୟୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ରଣପୁର ବ୍ଲକର ରାଜସୁନାଖଳା ଓ ଚାନ୍ଦପୁର ପଂଚାୟତକୁ ନୂତନ ଭାବେ ପିଏମ ସ୍ୱ-ନିଧି ଯୋଜନାରେ ସାମିଲ କରାଯାଇଥିବା ଘୋଷଣା କରାଯାଇଥିଲା ।

# ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିବାକୁ ଉଦ୍ୟମ, ଆସାମୀ ଗିରଫ



ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ଫତେପୁର ପଂଚାୟତର ଜୈନିକ ବିବାହିତ ଯୁବକ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଯୁବତୀକୁ ଉଦ୍ଧାର କରା ଯାଇଛି । ଫତେପୁର ପଂଚାୟତର ଲେଙ୍ଗୁରା ଛକ ନିକଟରେ ଏହି ଘଟଣା ଘଟିଥିବା ବେଳେ ଏହାକୁ ନେଇ ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି । ପୀଡ଼ିତା ମାଆଙ୍କ ଅଭିଯୋଗ ଅନୁଯାୟୀ ଫତେପୁର ପଂଚାୟତର ଧର୍ମାଗତପୁର (ବନ୍ଦମୁଣ୍ଡ) ଗ୍ରାମର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲିପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ଏକ ତରଫା ପ୍ରେମ ନିବେଦନ କରି ବିଫଳ ହୋଇ ଆସୁଥିଲା । ଛାତ୍ରୀ ଏଥିରେ ରାଜି ହେଉ ନଥିବାରୁ ଅଭିଯୁକ୍ତ ବିଭିନ୍ନ ସମୟରେ ଛାତ୍ରୀକୁ ଜୀବନରୁ ମାରି ଦେବାକୁ ଧମକ ମଧ ଦେଇଥିଲା । ଏ ନେଇ କିଛି ଦିନ ପୂର୍ବରୁ ଛାତ୍ରୀର ବାପା ମା ଅଭିଯୁକ୍ତର ବାପା ମାଆ କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ପରେ କାହିଁକି ବାପା ମାଆ ଙ୍କୁ ଜଣାଇଲ ତୁମ ଝିଅକୁ ଜୀବନରୁ ମାରିଦେବି ବୋଲି ଅଭିଯୁକ୍ତ ଦିଲ୍ଲୀପ ଜେନା ଧମକ ଦେଇଥିଲା । ତେବେ ମଙ୍ଗଳବାର ସକାଳେ ଛାତ୍ରୀ ଜଣଙ୍କ ଅସୁରାଳୀ ସ୍କୁଲକୁ ଯାଉଥିବା ବେଳେ ଲେଙ୍ଗୁରା ଛକ ନିକଟରେ ତାଙ୍କୁ ଅଟକାଇ ଅଭିଯୁକ୍ତ ଦିଲ୍ଲୀପ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରୁଥିଲା । ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୁଷୁରୀ ପୁଲିସକୁ ଖବର ଦେଇଥିଲେ । ପୁଲିସ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଂଚି ଅଭିଯୁକ୍ତକୁ ଧରି ଥାନାକୁ ଆଣିଥିଲେ । ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି । ଘଟଣା ପରେ ପୀଡ଼ିତାଙ୍କ ମାଆ ଙ୍କ ପକ୍ଷରୁ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଥାନାରେ ୨୮୮/୨୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଚି । ଅନ୍ୟପକ୍ଷରେ, ସ୍ଥାନୀୟ ସୂତ୍ରରୁ ଅଭିଯୁକ୍ତ ଯୁବକଙ୍କ ପୂର୍ବରୁ ଦୁଇଟି ବିବାହ କରିଥିବା ବେଳେ ଜଣେ ସ୍ତ୍ରୀ ଦିଲୀପ କୁ ଛାଡି ପଳାଇ ଥିବା ବେଳେ ଅନ୍ୟ ଜଣେ ସ୍ତ୍ରୀ ରହିଛି ।

# ସ୍ୱଦେଶୀ ଜାଗରଣ ମଂଚର ଓଡ଼ିଶା ପ୍ରାନ୍ତ ବିଚାରବର୍ଗ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବ





କଟକ(ନିପ୍ର): ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଓଡିଶା ପୂର୍ବ ପ୍ରାନ୍ତ ବିଚାର ବର୍ଗ ପ୍ରଶିକ୍ଷଣ ଶିବିର ଆୟୋଜିତ ଉଦଯାପନନୀ ଉତ୍ସବରେ ତୃତୀୟ ଦିନର ସ୍ୱଦେଶୀ, ସ୍ୱାଭିମାନ , ସ୍ୱାବଲମ୍ବୀ ଭାରତ ବର୍ଗ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବାରବାଟି ଓଲିମ୍ପିକ ଆସୋସିଏସନ ସଭାଗୃହରେ ତୃତୀୟ ଦିନ କାର୍ଯ୍ୟକ୍ରମରେ କୃଷ୍ଣ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ରାଷ୍ଟ୍ରବାଦୀ କାର୍ଯ୍ୟକର୍ତ୍ତାଙ୍କୁ ଅନ୍ତୋଦୟ ବିଷୟ ଉପସ୍ଥାପନ କରି ସମାଜର ଅନ୍ତିମ ଫଂକ୍ତିର ଅନ୍ତିମ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ହେଲେ ହିଁ ରାଷ୍ଟ୍ରର ବିକାଶ ସମ୍ଭବ ହେଇପାରିବ ବୋଲି ଉକ୍ତି ଦର୍ଶାଇଥିଲେ । ପ୍ରାକ୍ତନ ଅଖିଳ ଭାରତୀୟ ସଂଯୋଜକ ସ୍ୱଦେଶୀ ଜାଗରଣ ମଂଚର ବରିଷ୍ଠ କାର୍ଯ୍ୟକର୍ତ୍ତା ସରୋଜ କୁମାର ମିତ୍ର, ଏକାତ୍ମ ମାନବବାଦ୍ ଅଖଣ୍ଡ ମଣ୍ଡଳଆକାର ବ୍ୟାପ୍ତ ଜେନ ଚରାଚର, ଭାରତ ପୃଥିବୀର ଏକ ଅତି ପ୍ରାଚୀନ ସଂସ୍କୃତିର ରାଷ୍ଟ୍ର ଏହାର ପରମ୍ପରା ଆଚାର ବ୍ୟବହାର ଅତି ପ୍ରାଚୀନ ବୋଲି ଦର୍ଶାଇଥିଲେ । ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ବିଦେଶୀ କମ୍ପାନୀ ଛାଡି ସ୍ୱଦେଶ ଆପଣେଇ ଭାରତର ଆର୍ଥିକ ସୁଦୃଢ଼ତା ବଢାଇବା । ନିଜର ବ୍ୟବସାୟ ବାଣିଜ୍ୟ ଅପଣାଇବାକୁ ଆହ୍ୱାନ ଦେଇଥିଲେ । ସ୍ୱଦେଶି ଜାଗରଣ ମଂଚର ପୂର୍ବ କ୍ଷେତ୍ର ସଂଯୋଜକ ଆଶୁତୋଷ ମୁଖାର୍ଜୀ, ସ୍ୱଦେଶୀ ଜାଗରଣ ମଂଚର ସହ ବ୍ୟବସ୍ଥା ପ୍ରମୁଖ ପ୍ରବୋଧ କୁମାର ବଡପଣ୍ଡା, ସ୍ୱଦେଶୀ ଜାଗରଣ ମଂଚ ପ୍ରାନ୍ତ ସମନ୍ୱୟକ ବିଷୟ ରାଉତରାୟ କାର୍ଯ୍ୟକର୍ତ୍ତା ଦାୟିତ୍ୱ ବୋଧତା ବୁଝିବା ସହ ନିଜ ନିଜ ଅଂଚଳରେ ବ୍ୟାପକ ସ୍ୱଦେଶୀ କାର୍ଯ୍ୟରତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସ୍ୱଦେଶୀ ଜାଗରଣ ମଂଚର ଓଡିଶା ପୂର୍ବପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ତଥା ବିଚାର ବର୍ଗର ବ୍ୟବସ୍ଥା ପ୍ରମୁଖ ଡକ୍ଟର ଆଇ ସୁବ୍ରମଣ୍ୟମ୍, ବର୍ଗ ବ୍ୟବସ୍ଥା କରିଥିବା କାର୍ଯ୍ୟକର୍ତ୍ତା ମାନଙ୍କୁ ସମସ୍ତଙ୍କୁ ପରିଚୟ ପ୍ରଦାନ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ୱଦେଶୀ ଉଦ୍ୟୋଗୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତୁକୁ ପ୍ରଦର୍ଶନ କରି ବିକ୍ରୟ କରିଥିଲେ । ଓଡ଼ିଶାର ପୂର୍ବ ପ୍ରାନ୍ତ ୧୬ଟା ଜିଲ୍ଲାର ସ୍ୱଦେଶୀ ଜାଗରଣ ମଂଚର ୨୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ପ୍ରହଲ୍ଲାଦ ବେହେରା , କଟକ ଜିଲ୍ଲା ସ୍ୱଦେଶୀ ଜାଗରଣ ମଂଚର ସଂଯୋଜକ ଶ୍ରୀ ସତ୍ୟ ରଞ୍ଜନ ଦାସ, ପ୍ରଶାନ୍ତ ଭୂୟାଁ, ମଂଚ ପରିଚାଳନା ଅକ୍ଷୟ କୁମାର ନାୟକ, ଗୌତମ ସାହୁ, ଜ୍ୟୋତି ପ୍ରକାଶ ପରିଡା, ସୁଶ୍ରୀ କୃଷ୍ଣ ପ୍ରିୟା ବେହେରା, ଅଭିଷେକ ସେନାପତି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଶ୍ରୀ କ୍ଷେତ୍ର ମୋହନ ସେନାପତି, ଶ୍ରୀମତୀ ଏନ୍ ସ୍ୱାତି ପ୍ରଭୃତି , ଲକ୍ଷ୍ମୀ ବାରିକ ପ୍ରଭୃତିଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।

## ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ପଂଚାୟତରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ, ସରପଂଚ ଜୟନ୍ତୀ ପତି, ସମିତିସଭ୍ୟା ଦମୟନ୍ତୀ ସିଂ, ମହିଳା ସଂଘ ସଭାପତି ସମୁତି ନାୟକ, ବିଶିଷ୍ଟ ସଙ୍ଗଠକ ମହେନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସରପଂଚ ଶ୍ରୀମତୀ ପତି ଗ୍ରାମାଂଚଳରେ ପ୍ରତି ହିତାଧୀକାରୀଙ୍କ ଉପରେ ସରକାର ୧୨ଶହ ଟଙ୍କାର କରବୋଝ ପାଇଁ ଘୋଷଣା କରିଥିବା ଏହା ହଟାଇବାକୁ ଏବଂ ଆମ୍ବବନ୍ଧର ପୁନରୁଦ୍ଧାର ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ଜିଆରଏସ ଲକ୍ଷ୍ମୀପ୍ରିୟା ସାମଲ, ଯୁବନେତା ବୈକୁଣ୍ଠ ସାମଲଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସିପିଏମ ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ





ବାରିପଦା(ନିପ୍ର): ଶ୍ରୀଯୁକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମନରେଗା, ମୟୁରଭଞ୍ଜ, ବାରିପଦାଙ୍କୁ ଜିଲ୍ଲାର ସମସ୍ତ ବ୍ଲକରେ ଏସିପି ଓ ମନରେଗା ସହାୟକ ମାନଙ୍କ ବର୍ଷ ବର୍ଷ ଧରି ବଦଳି ନ ହେବା ଯୋଗୁଁ ଅରାଜକତା ସମ୍ବନ୍ଧରେ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଏମ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା । ଆପଣ ଜିଲ୍ଲା ମନରେଗା ପ୍ରକଳ୍ପ ସଂଯୋଜକ ଭାବେ ସମ୍ପୂର୍ଣ୍ଣ ଅବଗତ ଯେ, ଉକ୍ତ ଯୋଜନାରେ ବ୍ଲକରେ କାର୍ଯ୍ୟରତ ଏସିପି ଓ ମନରେଗା ସହାୟକମାନେ ଗୋଟିଏ ଗୋଟିଏ ବ୍ଲକରେ ଦୀର୍ଘ ୧୫ ରୁ ୨୦ ବର୍ଷ ଧରି ରହି ଆସିଥିବା ଦେଖାଯାଇଛି । ସେମାନଙ୍କ ନିଯୁକ୍ତି ଏଜେନ୍ସୀ ଦ୍ୱାରା ହୋଇଥିଲେ ସୁଦ୍ଧା, ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଫଳରେ ସରକାରୀ କାମରେ ସ୍ୱଚ୍ଛତା ରହୁନାହିଁ ଏବଂ ହିତାଧିକାରୀମାନେ ବିଭିନ୍ନ ସମୟରେ ଅସନ୍ତୁଷ୍ଟ ପ୍ରକାଶ କରୁଥିବାର ଦେଖିବାକୁ ମିଳୁଛି । କିଛି କର୍ମଚାରୀ ଯୋଜନାର ବ୍ଲକସ୍ତରୀୟ ଅଧିକାରୀଙ୍କୁ କାମରେ ସହଯୋଗ କରିବା ପରିବର୍ତ୍ତେ ବେପରୁଆ ମନୋଭାବ ଓ ଅସୁସ୍ଥ ଆଚରଣ ପ୍ରଦର୍ଶନ କରୁଥିବାର ଅଭିଯୋଗ ସାଧାରଣରେ ଆଲୋଚନା ହେଉଛି । ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ଦ୍ୱାରା, ପରୋକ୍ଷ ଦୁର୍ନୀତିରେ କିଛି ଅଧିକାରୀ ନିୟୋଜିତ କରିବା ମନେ ହେଉଛି । ଅଧିକନ୍ତୁ, କିଛି କର୍ମଚାରୀ ନିଜ ବ୍ଲକରେ ରହି ଠିକାଦାରୀ ଓ ରାଜନୈତିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ସତ୍ତ୍ୱେ, ପ୍ରଶାସନିକ ଅଧିକାରୀ ନୀରବ ରହିବା ସହିତ ଲୋକଙ୍କ ସରକାରର କାର୍ଯ୍ୟ ଶୈଳୀ ଓ ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକରେ ସମସ୍ତ କର୍ମଚାରୀ ମାନଙ୍କ ବଦଳି ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହେଉଥିଲେ ହେଁ, ଏସିପି ଓ ମନରେଗା ସହାୟକ ମାନଙ୍କ ବଦଳି ନ ହେବା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନୀରବତାକୁ ପ୍ରଶ୍ନ କରୁଛି ଏବଂ ଏଜେନ୍ସୀ ସହ ହେଉଥିବା ଚୁକ୍ତି ପ୍ରକ୍ରିୟାରେ କୌଣସି ଅସ୍ୱଚ୍ଛତା ହେଉଛି କି ନାହିଁ ତାହାର ନିରପେକ୍ଷ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ଓ ସର୍ବସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ଦାବିପତ୍ର କଂଗ୍ରେସ ତରଫରୁ ଶାନ୍ତନୁ ପାଲ, ସୁସ୍ମିତା ଘୋଷାଲ, ଦେବରାଜ ମିଶ୍ର, ବନମାଳୀ ବାରିକ, ନିହାର ରଞ୍ଜନ ମଜୁଆଲ, ଭବାନୀ ଶଙ୍କର ସାହୁ, ଗୋସାଇଁ ଚରଣ ମହାନ୍ତ, ରତିକାନ୍ତ ଚୌଧୁରୀ, ସିପିଆଇ ତରଫରୁ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, ମଦନ ମୋହନ ଦାସ, ସିପିଏମ ର ରବି ଗୋସ୍ୱାମୀ ପ୍ରମୁଖ ପ୍ରଦାନ କରିଥିଲେ ।

## ଅଗ୍ନିବିପନ୍ନଙ୍କୁ ଭେଟିଲେ ସରପଂଚ ଓ ସରପଂଚ ପ୍ରତିନିଧି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ଗ୍ରାମ ପଂଚାୟତ ଅଧୀନ ମୁଗୁଡିହା ସାହିରେ ଶୁକ୍ରବାର ରାତିରେ ବିଦ୍ୟୁତ ସର୍ଟ ସର୍କିଟରୁ ବିଶ୍ୱନାଥ ସାହୁଙ୍କ ଘର, ନଗଦ ୧୦ହଜାର ଟଙ୍କା ସହିତ ଏସି ଓ ଅନ୍ୟାନ୍ୟ ଆସବାବ ପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ଯାଇଥିଲା । ଶନିବାର ସ୍ଥାନୀୟ ସରପଂଚ ବାସନ୍ତୀ ମହାନ୍ତି ଓ ତାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଅଗ୍ନି ବିପନ୍ନଙ୍କୁ ଭେଟି ସହଯୋଗ ପାଇଁ ପ୍ରତିଶୃତି ଦେଇଛନ୍ତି ।

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ପ୍ରକାଶ କରାଯାଉଛି କି ମଦନ ମୋହନ ବିଶ୍ୱାଳ, ପି.-ରବୀନ୍ଦ୍ର ଓରଫ୍ ରବୀନ୍ଦ୍ର ନାଥ ବିଶ୍ୱାଳ, ଗ୍ରାମ./ପୋ./ଭାୟା.-ଲଙ୍ଗଳେଶ୍ୱର, ଥାନା.-ସିଂଲା, ଜିଲ୍ଲା.-ବାଲେଶ୍ୱର, ପିନ୍ ?.-୭୫୬୦୨୪ ଓଡ଼ିଶା । ନିଜସ୍ୱ ଭୂ-ସମ୍ପତି ମୌଜା-ନଙ୍ଗଳେଶ୍ୱର, ତହସିଲ-ବାଲିଆପାଳ, ଖାତା ନଂ.-୬୦୭/୭୩୬, ପ୍ଲଟ ନଂ.-୯୫୮/୨୨୫୪, ଏ୦.୧୦୦ଡ଼ିସମିଲ(ଘରବାରି)କୁ ଜନା ସ୍ମଲ୍ଲ ଫାଇନାନ୍ସ ବ୍ୟାଙ୍କ୍ ବାଲେଶ୍ୱର ଶାଖାରୁ ବନ୍ଧକ ଦେଇ ଋଣ ଗ୍ରହଣ କରୁଛନ୍ତି । ଉକ୍ତ ବନ୍ଧକ ସମ୍ବନ୍ଧରେ କାହାରି କିଛି ଅଭିଯୋଗ ଥିଲେ ଏହି ବିଜ୍ଞପ୍ତି ପ୍ରକାଶ ତାରିଖ ଠାରୁ ୧୪ଦିନ ମଧ୍ୟରେ ଆମର ଓକିଲ ଶ୍ରୀ ଅରୁଣ କୁମାର ବେହେରାଙ୍କୁ ଯୋଗାଯୋଗ କରିପାରିବେ । ଯୋଗାଯୋଗ ନଂ.-୮୨ ୪୯୬୫୮୩୯୭ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ସ୍ୱା/-**
**ମଦନ ମୋହନ ବିଶ୍ୱାଳ**

**AFFIDAVIT**

By virtue of an affidavit sworn before Executive Magistrate, Balasore dated 30.06.2026 I, Azharuddin Shaikh, aged 42 years, S/o- Nasiruddin Saikh, At- Pijuruddin lane, Po- Sunhat, Phandi Chhak, Goni Pada, Balubazar, Ps- Town, Dist- Balasore - 756002, Odisha declare that I have changed my name from Shaikh Azharuddin Nasiruddin to Azharuddin Shaikh. Henceforth, I shall be known as Azharuddin Shaikh for all purposes.

**Sd/-**
**Azharuddin Shaikh**

**ସୂଚକ ସୂଚନା**

ସଂଖ୍ୟା:ଏସ୍ଇଆର/କୋନ/ଏଚ୍କ୍ୟୁ/ଇଏସ୍ଟିଟି./୫୦/ନିୟତକାର୍ଯ୍ୟ/ଏସ୍ଇ/୨୦୨୬ ତା୩୦.୦୬.୨୦୨୬

**ଡିପିଆରଏସ୍ (ରେଳ ପ୍ରକଳ୍ପ) ର ସମକକ୍ଷ ସମୀକ୍ଷା ପାଇଁ କ୍ଷେତ୍ର ବିଶେଷଜ୍ଞ ଭାବରେ ଏମ୍ପାନେଲମେଂଟ ପାଇଁ ବରିଷ୍ଠ ପ୍ରଶାସନିକ ଗ୍ରେଡ୍ (ଏସ୍ଏଜି) କିମ୍ବା ଉଚ୍ଚ ପଦବୀରୁ ଅବସର ନେଇଥିବା ଯୋଗ୍ୟ ଓଜଝର ଅଧିକାରୀଙ୍କ ନିଯୁକ୍ତି**

ଦକ୍ଷିଣ ପୂର୍ବ ରେଳବାଇ, ଭାରତ ସରକାର, ନିର୍ମାଣ ସଂଗଠନ, ରେଳ ମନ୍ତ୍ରଣାଳୟ ଉଚଜସ୍ମ (ରେଳ ପ୍ରକଳ୍ପ) ର ସମକକ୍ଷ ସମୀକ୍ଷା ପାଇଁ କ୍ଷେତ୍ର ବିଶେଷଜ୍ଞ ଭାବରେ ଏମ୍ପାନେଲମେଂଟ ପାଇଁ ବରିଷ୍ଠ ପ୍ରଶାସନିକ ଗ୍ରେଡ୍ (ଏସ୍ଏଜି) କିମ୍ବା ଉଚ୍ଚ ପଦବୀରୁ ଅବସର ନେଇଥିବା ଯୋଗ୍ୟ ଓଜଝର ଅଧିକାରୀଙ୍କଠାରୁ ଆବେଦନ ଆମନ୍ତ୍ରଣ କରୁଛି । ନିୟମ ଏବଂ ସର୍ତ୍ତାବଳୀ ଏବଂ ଯୋଗ୍ୟତା ଇତ୍ୟାଦି ସହିତ ଆବେଦନର ପ୍ରୋଫର୍ମା ସହିତ ଖାଲି ପଦବୀ ବିଜ୍ଞପ୍ତି ଦକ୍ଷିଣ ପୂର୍ବ ରେଳବାଇର ୱେବସାଇଟରେ (www.ser.indianrailways.gov.in - ସମାଚାର ଏବଂ ଅପଡେଟ୍) ଉପଲବ୍ଧ । ଆବେଦନଗୁଡ଼ିକ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ-ଓଓ/ଗାର୍ଡେନ୍ ରିଚ୍, ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ/ନିର୍ମାଣ, ଦକ୍ଷିଣ ପୂର୍ବ ରେଳବାଇ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିକଟକୁ ପଠାଯିବ । ଆବେଦନକାରୀଙ୍କ ଆବେଦନ ଗ୍ରହଣ ସମ୍ପୂର୍ଣ୍ଣ ଭାବରେ ପ୍ରଶାସନିକ ଆବଶ୍ୟକତା ଏବଂ ପ୍ରଶାସନର ବିବେଚନା ଉପରେ ଆଧାରିତ ହେବ । ଆବେଦନ ଗ୍ରହଣର ଶେଷ ତାରିଖ ହେଉଛି ୧୦.୦୭.୨୦୨୬ । ଏହା ବ୍ୟତୀତ ଶୁଦ୍ଧିପତ୍ର କିମ୍ବା ପରିଶିଷ୍ଟ କିମ୍ବା ବାତିଲକରଣ, ଯଦି କିଛି ଥାଏ, କେବଳ ଉପରୋକ୍ତ ୱେବସାଇଟରେ ପ୍ରକାଶିତ ହେବ । ଦୟାକରି ସମୟ ସମୟରେ ଆମର ୱେବସାଇଟ୍ ଅନୁସରଣ କରନ୍ତୁ ।

(PR-400) **ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ),ଗାର୍ଡେନ୍ ରିଚ୍**

**ଦକ୍ଷିଣପୂର୍ବ ରେଳପଥ**
ସହର୍ଷେ ସମସ୍ତଙ୍କ ସେବାରେ


**Office of the Principal**
**BALASORE HIGHER SECONDARY SCHOOL**
**SOVARAMPUR, BALASORE, 756001**
**Email:-collegebalasore@gmail.com**

**Ref No 367/26,** **Date 30/6/26**

**WALK-IN-INERVIEW**

A Walk-in-Interview will be held on 7th July, 2026 at 11.00 a.m. in our Higher Secondary School for the engagement of one Guest PGT teacher each in Political Science, Economics, Zoology, Physics, Mathematics and two teachers in Commerce. Candidates having at least 50% of marks at the Postgraduate level, basic knowledge in computer applications and teaching experience may attend the interview. B.Ed is mandatory for Pol.Science, Economics, Physics, Mathematics and Zoology. Preference shall be given to retired teachers of aided Colleges/Higher Secondary Schools below 65 years of age during the selection of Guest teachers. The candidates are required to report by 10.00 a.m. with their original certificates, mark sheets, experience Certificate along with Xerox copies and Bio-data for verification. Selection will be made purely on the basis of merit. The engagement is purely temporary and is liable to be terminated at any time without prior notice. No TA or DA will be paid for attending the interview.


**Sd/-**
**Principal**
**Balasore Higher Secondary School**
**Sovarampur, Balasore**





ସଂସାରରେ କାହାର ମୃତ୍ୟୁ ହୁଏ ? ସମସ୍ତେ କହିବେ 'ଦେହ'ର କିନ୍ତୁ ନାଁ ପ୍ରକୃତରେ ମୃତ୍ୟୁ ହୁଏ 'ମୁଁ'ର । କାହିଁକି ନା ଅମୁକର ଦେହ, ନାମ, ଗାଁ, ଠିକଣା ରହିଯିବ କିନ୍ତୁ ମୁଁ ଶବ୍ଦଟି ଲିଭିଯାଏ ।

# ଆଜିକାଲି



ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ (ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି ।

# ଅଗ୍ନି ବିପତ୍ତି

ମାତ୍ର ତିନି ସପ୍ତାହ ମଧ୍ୟରେ ଦୁଇଟି ଭୟାବହ ଅଗ୍ନିକାଣ୍ଡ ଘଟଣା ସମଗ୍ର ଦେଶକୁ ସ୍ତବ୍ଧ ଏବଂ ଶୋକାଭିଭୂତ କରିଦେଇଛି । ପ୍ରଥମଟି ଜାତୀୟ ରାଜଧାନୀ ଦିଲ୍ଲୀର ଏକ ହୋଟେଲରେ ୨୧ଜଣଙ୍କ ଜୀବନ ନେଇଥିବାବେଳେ ଦ୍ୱିତୀୟଟିରେ ଲକ୍ଷ୍ନୌର ଏକ କୋଚିଂ ସେଂଟରରେ ୧୫ଜଣ ଛାତ୍ର ଜୀବନ୍ତ ଦଗ୍ଧ ହୋଇଛନ୍ତି । ତେବେ ପରବର୍ତ୍ତୀ ସହର ଏବେ କେଉଁଠି, ଏବେ ଏହି ପ୍ରଶ୍ନ ଉଙ୍କି ମାରିବା ସ୍ୱାଭାବିକ । ଅବଶ୍ୟ ଆମ ଦେଶରେ ଅଗ୍ନିକାଣ୍ଡ ଘଟଣା ନୂଆ ନୁହେଁ । ହୋଟେଲ, କୋଚିଂ ସେଣ୍ଟର, ସିନେମା ହଲ, ମାର୍କେଟ କମ୍ପ୍ଲେକ୍ସ, ମଲ, କ୍ରୀଡା କମ୍ପ୍ଲେକ୍ସ, ହସ୍ପିଟାଲ, କ୍ଲବ୍, ଗୁଡିକରେ ବାରମ୍ବାର ଭୟାବହ ଅଗ୍ନିକାଣ୍ଡ ଘଟି ବହୁ ମୂଲ୍ୟବାନ ଧନ, ଜୀବନ କ୍ଷୟକ୍ଷତି ହେବା ବହୁ ନଜିର ରହିଛି । ପ୍ରତ୍ୟେକ ଅଗ୍ନିକାଣ୍ଡ ଘଟଣାରେ ବିଦ୍ୟୁତ ସର୍ଟ ସର୍କିଟ ହେବା କୁହାଯାଏ । ପ୍ରଶାସନ ତଦାରଖ କରେ, ତଦନ୍ତ ହୁଏ, ମୃତାହତଙ୍କୁ କ୍ଷତିପୂରଣ ଦିଆଯାଏ । ପ୍ରଶାସନ ତଦାରଖ କରେ, ତଦନ୍ତ ହୁଏ, ମୃତାହତଙ୍କୁ କ୍ଷତିପୂରଣ ଦିଆଯାଏ । ପ୍ରଶାସନିକ ତତ୍ପରତା କ୍ରମଶଃ ଶୀଥିଳ ହୋଇଯାଏ । କ୍ଷୟକ୍ଷତି ଛାଡିଯାଏ ଅଭୁଲା ସ୍ମୃତି । ମାତ୍ର କିଛି ସ୍ଥାୟୀ ପ୍ରତିକାର ହୁଏ ନାହିଁ । ଆମ ଦେଶରେ ବହୁ ବଡ ବଡ ଅଗ୍ନିକାଣ୍ଡ ଘଟିଛି, ଯେଉଁଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଅଗ୍ନିକାଣ୍ଡ ନିରାକରଣ ପାଇଁ ଅଗ୍ନି ନିରାପତା ବ୍ୟବସ୍ଥାରେ ଅଭାବ ଥିବା କୁହାଯାଏ । ମାତ୍ର ପ୍ରଶାସନ କାହାରିକୁ ଉତରଦାୟୀ କରି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ନାହିଁ । କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ କେତେକ ଅଫିସରଙ୍କୁ ନିଲମ୍ବନ କରାଯାଏ, ମାଲିକ ଗରିଫ ହୁଅନ୍ତି । ଯାହାକି ଯଥେଷ୍ଟ ନୁହେଁ । ଏହା ନିସନ୍ଦେହ ଯେତେବେଳ ପର୍ଯ୍ୟନ୍ତ ଅପରାଧିକ ଦାୟିତ୍ୱ ଏକ ସାଧାରଣ ନିୟମରେ ପରିଣତ ନହୋଇଛି, ସେତେବେଳ ଯାଏ ଏହିଭଳି ଅବହେଳା ଜନିତ ଦୁର୍ଘଟଣା ଲାଗି ରହିବ । ଭାରତର ସହରଗୁଡିକ ଅଗ୍ନିକାଣ୍ଡ ଜନିତ ବିସ୍ଫୋରଣରୁ ସୁରକ୍ଷିତ ରହିପାରିବେ ନାହିଁ । କହିବା ବାହୁଲ୍ୟ ଯେ, ଦିଲ୍ଲୀ ଅଗ୍ନିକାଣ୍ଡ ପରେ ଲକ୍ଷ୍ନୌ ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡ ଘଟଣା ଅପରାଧିକ ଅବହେଳା ଓ ଭ୍ରଷ୍ଟାଚାର କାରଣରୁ ହୋଇଥିବା କୁହାଯାଇପାରେ । କାରଣ ଏକ ବାଣିଜ୍ୟିକ ବିଲିଡିଂରେ କୋଚିଂ ସେଂଟର ଚାଲୁଥିଲା । ତିନି ମହଲା ବିଶିଷ୍ଟ ଏହି କୋଠାରେ ଗୋଟିଏ ମାତ୍ର ପ୍ରବେଶ ଓ ପ୍ରସ୍ଥାନ ପଥ ଥିଲା । କୌଣସି ଜରୁରୀକାଳୀନ ପ୍ରସ୍ଥାନ ନଥିଲା । କେବଳ ଏତକି ନୁହେଁ, ଧୂଆଁ ନିର୍ଗତ ପାଇଁ କୌଣସି ବ୍ୟବସ୍ଥା ନଥିଲା । ସବୁଠୁ ଗୁରୁତର ପ୍ରସଙ୍ଗ ହେଉଛି, କୋଠାର ତଳ ମହଲାରେ ଦହନୀୟ ସାମଗ୍ରୀ ଭରପୁର ରହିଥିଲା । ସେଥିରେ ନିଆଁ ଲାଗି ବିଦ୍ୟୁତ ଯୋଗୁଁ ଫେଲ ହେବା ପରେ ବାୟୋମେଟ୍ରିକ ଲକିଂ ସିଷ୍ଟମ ଜାମ ହୋଇଯାଇଥିଲା । ପରିଣତି ସ୍ୱରୂପ ଉପର ମହଲା ଘନ ଧୂଆଁରେ ଭରପୁର ହୋଇଯାଇଥିଲା । କୋଠା ଭିତରେ ୧୫ ଛାତ୍ରଙ୍କ ଭବିଷ୍ୟତ, କ୍ୟାରିଅର ଓ ସ୍ୱପ୍ନ ମିଳାଇ ଯାଇଥିଲା । ନିଆଁର ପଞ୍ଝାରୁ କେହି ବର୍ତିପାରିନଥିଲେ । ଏହା ନିସନ୍ଦେହ ଯେ, ନିୟମ ଉଲଂଘନ ଯୋଗୁଁ ଦେଶରେ ବଡ ବଡ କୋଠା ଏବେ ମୃତ୍ୟୁ ଯନ୍ତାରେ ପରିଣତ ହୋଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, କୋଠା ନିର୍ମାଣ ବେଳେ ଆଧୁନିକତାର ଦ୍ୱାହି ଦେଇ ବୈଦ୍ୟୁତିକ ସରଞ୍ଜାମ ଗୃହକୁ ସୁସଜ୍ଜିତ କରିବା । ଏବେ ବୈଦ୍ୟୁତିକ କବାଟ ତାଲା ବହୁଳମାତ୍ରାରେ ବ୍ୟବହାର ହେଉଛି । ଯାହାକି ସ୍ମାର୍ଟ ଲକ ବା ବାୟୋମେଟ୍ରିକ ଲକ ଭାବେ ଜଣାଶୁଣା । ଗତ ଜାନୁୟାରୀରେ ଦିଲ୍ଲୀରେ ଏକ ଘରର ବୈଦ୍ୟୁତିକ ଲକ୍ ଜାମ ହେବା ଯୋଗୁଁ ନିଆଁରେ ୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ମାର୍ଚ୍ଚ ମାସରେ ଅନୁରୂପ ଭାବେ ୯ଜଣଙ୍କର ଏବଂ ଚଳିତ ମାସରେ ଏକ ହୋଟେଲରେ ୨୧ଜଣଙ୍କର ଜୀବନ ଯାଇଥିଲା ଏବେ ଲକ୍ଷ୍ନୌରେ ଏହାର ପୁନରାବୃତି ଘଟିଛି । କିଛି ବର୍ଷ ତଳେ ଭୁବନେଶ୍ୱରରେ ଏକ ଘରେ ଅଗ୍ନିକାଣ୍ଡ ଯୋଗୁଁ ଇଲେକ୍ଟ୍ରୋନିକ ଡୋର ଏକ ଜାମ ହୋଇଯିବା ଯୋଗୁଁ ପରିବାରର ୫ଜଣଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିଲା । ଆମେ ଅତ୍ୟାଧୁନିକ ଟେକ୍ନୋଲୋଜି କିମ୍ବା ବୈଦ୍ୟୁତିକ ଡୋର ଲକର ବିରୋଧି ନୋହୁଁ, କିନ୍ତୁ ବିଲିଡିଂରେ ଅଗ୍ନିକାଣ୍ଡ ବେଳେ ଏହାର ଭୂମିକା ତଦନ୍ତ ସାକ୍ଷେପ । କହିବା ବାହୁଲ୍ୟ ଯେ, ୨୦୦୦ ମସିହା ଆରମ୍ଭରେ ବୈଦ୍ୟୁତିକ କାର ଡୋର ଲକ ଯୋଗୁଁ ଜଳୁଥିବା କାରରେ ଡୋର ଲକ୍ ଜାମ ହେବ ଯୋଗୁଁ ବହୁ ଜୀବନ ହାନୀ ଘଟିଥିଲା । ଏବେ କୋଠାବାଡି ଏବଂ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ବୈଦ୍ୟୁତିକ ଡୋର ଲକ ସିଷ୍ଟମ ଅତ୍ୟନ୍ତ ଲୋକପ୍ରିୟ ହାସଲ କରିଛି । ଅଗ୍ନିକାଣ୍ଡ ସମୟରେ ତାଲା ଖୋଲିବାରେ ଏକ ସମାଧାନ ଉପାୟ ଖୋଜି ବାହାର କରିବାକୁ ହେବ । ଏଥିରେ କେହି ଦ୍ୱିମତ ହେବେ ନାହିଁ, ବହୁ ଅଗ୍ନିକାଣ୍ଡ ଘଟଣା କେବଳ ବିଦ୍ୟୁତ ସଟ ସର୍କିଟର କାରଣ ବୋଲି କୁହାଯାଏ । ବିଭିନ୍ନ କାରିଗରି ବୈଷୟିକଯୁକ୍ତ ଉପକରଣ ବ୍ୟବହାର ଓଭରଲୋଡ ସଟସର୍କିଟର କାରଣ । ଅତ୍ୟାଧୁନିକ ଉପକରଣ ଯୋଗୁଁ ଅତିରିକ୍ତ ବୈଦ୍ୟୁତିକ ତରଙ୍ଗ ପ୍ରବାହୀ ଯୋଗୁଁ କେତେକ ସ୍ଥାନୀୟ ଉତପ୍ତ ସ୍ଥାନରେ ଅଗ୍ନିକାଣ୍ଡ ସୃଷ୍ଟି କରିଥାଏ । ଆହୁରି ମଧ୍ୟ ନିମ୍ନ ଗୁରୁତ୍ୱର ବିଦ୍ୟୁତ ତାର, ସୁରକ୍ଷିତ ବିଦ୍ୟୁତ ଉପକରଣର ଅଭାବ ଯୋଗୁଁ ବିଦ୍ୟୁତ ସର୍ଟସର୍କିଟ ଘଟି ଅଗ୍ନିକାଣ୍ଡ ଘଟିଥାଏ । ଏଥିପ୍ରତି ଧ୍ୟାନ ଦେବା ସହ ଅଗ୍ନି ନିରାପତା ବ୍ୟବସ୍ଥାକୁ ସୁଦୃଢ କରାଯିବାର ଆବଶ୍ୟକତା ରହିଛି ।

## ବିଶ୍ୱ ଡାକ୍ତର ଦିବସ ଅବସରରେ

# ସ୍ୱାସ୍ଥ୍ୟ ସେବା : ଏକ ଅଧିକାର

◆ ଡାକ୍ତର କାନ୍ତୀ ନାୟକ



ଯେ ପର୍ଯ୍ୟନ୍ତ ମଣିଷ ଶରୀର ଏବଂ ମନରୁ ସୁସ୍ଥ ନହେବ ସେଯାବତ୍ ସ୍ୱରାଜ ଏକ ସ୍ୱପ୍ନ ହୋଇ ରହିବ ଏହି କଥାକୁ ଭାରତୀୟ ଜନମାନସକୁ ବୁଝାଇଥିବା ବରିଷ୍ଠ ଚିକିତ୍ସକ, ସ୍ୱାଧିନତା ସଂଗ୍ରାମୀ, ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଆଗଧାଡ଼ିର ନେତା, ଭାରତରତ୍ନରେ ଭୂଷିତ ତଥା ସ୍ୱାଧୀନ ଭାରତର ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମଦିବସକୁ ଡାକ୍ତର ଦିବସ ରୂପେ ପାଳନ କରାଯାଉଛି । ଜୁଲାଇ ୧ ବିଶ୍ୱ ଡାକ୍ତର ଦିବସ ଭାବରେ ସବୁଆଡ଼େ ପାଳିତ ହେଉଛି । ନୂଆ ସ୍ୱାସ୍ଥ୍ୟ ନୀତିରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦିଆଯାଇଛି । ଦୁଇତୃତୀୟାଂଶ ଅର୍ଥ ଏଥିରେ ଖର୍ଚ୍ଚ ହେବ । ସାଧାରଣ ଲୋକେ କିପରି ଗୁଣାତ୍ମକ ସେବା ପାଇବେ ସେଥିପାଇଁ ଗୁରୁତ୍ୱ ଦିଆଯାଇ ଔଷଧ, ଡାଇଗ୍ନୋଷ୍ଟିକ, ଜରୁରୀ ତଥା ଅତ୍ୟାବଶ୍ୟକ ସେବା ସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣା ଯୋଗାଇବାକୁ ଏଥିରେ ପ୍ରସ୍ତାବ ରଖାଯାଇଛି । ଭାରତରେ ଅଧିକାଂଶ ଲୋକ ଚିକିତ୍ସା ଖର୍ଚ୍ଚ ନେଇ ଋଣଗ୍ରସ୍ତ ହୁଅନ୍ତି । ଏଣୁ ସରକାରୀ ଡାକ୍ତରଖାନା ଗୁଡ଼ିକରେ ଉନ୍ନତ ମାଗଣା ଚିକିତ୍ସା ଓ ଔଷଧ ବିନା ମୂଲ୍ୟରେ ଯୋଗାଯିବା ଆବଶ୍ୟକ । ନୂଆ ନୀତି ସାଧାରଣ ଲୋକଙ୍କର ଚିକିତ୍ସା ଖର୍ଚ୍ଚ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ସମସ୍ୟାକୁ ହାଲୁକା କରିବ ବୋଲି ଆଶା କରାଯାଉଛି । ଦେଶରେ ଏବେ ଅଣସଂକ୍ରମିତ ରୋଗର ସମସ୍ୟା ବଢୁଥିବାରୁ ନୂଆ ନୀତିରେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବ । ହୃଦ୍‌ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗ ସମସ୍ୟା, ଡାଇବେଟିସ୍, କ୍ୟାନସର, ମାନସିକ ରୋଗ ଓ ଅନ୍ୟାନ୍ୟ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପ୍ରାଥମିକ ସ୍ତରରେ ମୁକାବିଲା କରିବାକୁ ଏକ ନୂଆ ବିସ୍ତୃତ ସ୍ୱାସ୍ଥ୍ୟସେବା ପ୍ୟାକେଜ ପ୍ରସ୍ତୁତ ହେବ । ଏସବୁ ସତ୍ତ୍ୱେ ଅତୀତର ଅଭିଜ୍ଞତା ଦୃଷ୍ଟିରୁ ଲୋକେ ସରକାରୀ ଚିକିତ୍ସା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭରସା କରିପାରିବେ ନାହିଁ । ୨୦୧୫ର ଚିଠା ପ୍ରସ୍ତାବରେ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର କରାଯିବା ପାଇଁ ବିଚାର କରାଯାଇଥିଲା । କିନ୍ତୁ ଏବେ ତା ବଦଳରେ ପ୍ରତିଶ୍ରୁତିଭିତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ୱାସ୍ଥ୍ୟସେବା ମୌଳିକ ଅଧିକାର ମର୍ଯ୍ୟାଦା ପାଇଥିଲେ ଏହାର ଆଇନଗତ ଗୁରୁତ୍ୱ ଅଧିକ ହୋଇଥାନ୍ତା । କାରଣ ୭୦ବର୍ଷର ସ୍ୱାଧୀନତା ପରେ ଦେଶବାସୀ ପ୍ରତିଶ୍ରୁତିଭିତିକ ବଦାନ୍ୟତା ବଦଳରେ ସ୍ୱାସ୍ଥ୍ୟସେବାର ହକ୍ ହାସଲ କରିବା ଦରକାର । ବିଶ୍ୱ ଡାକ୍ତର ଦିବସ ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଅଧିକ ବିକଶିତ, ପ୍ରୟୋଗାତ୍ମକ କରିବା ସହ ସରକାରଙ୍କ ସ୍ୱାସ୍ଥ୍ୟସେବାର ସଫଳତା ଓ ସେବା ସହାୟତା ଅଧିକ ଭାବରେ ସମସ୍ତଙ୍କ ପାଖରେ ବିଶେଷ ଭାବରେ କିପରି ଉପଲବ୍ଧ ହେବ ତାହା ଏହି ଦିବସର କାମନା ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

## (ପ୍ରଥମ ଓଡ଼ିଆ ମହିଳା ଡାକ୍ତର)

# କୁନ୍ତଳା କୁମାରୀ ସାବତ



କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି । ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆର୍ବିଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଲପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲି ଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢୁଥିଲେ । ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇ ଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ଼କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲି ଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ ।

## ବିଶ୍ୱ ଚିକିତ୍ସକ ଦିବସ

# ମାନସିକ ରୋଗ ଓ ଡାକ୍ତର

◆ ଡାକ୍ତର ସମ୍ରାଟ କର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରା ଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ । ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା । ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ । ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା । ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ । ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ । ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି । ନିର୍ଦ୍ଧାରିତ ସମୟରେ ଘରେ ପହଂଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ । ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ । ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା । ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭିତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି । ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ । ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ । ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର । ଚିକିତ୍ସକ ମାନେ ଅନେକ ପ୍ରତିବନ୍ଧକକୁ ଡେଇଁ ରୋଗୀଟିର ଜୀବନ ବଂଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ । ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତରଦାୟିତ୍ୱ ବୋଲି ବୁଝାଯିବ ।

*ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼୍, କଟକ : ୯୧୩୨୪୩୩୩୩୩*




# ସର୍ବେ ସନ୍ତୁଃ ନିରାମୟା

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଭ୍ୟତାର ଶ୍ରୀବୃଦ୍ଧି ସହିତ ମନୁଷ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଭୂତପୂର୍ବ ଉନ୍ନତି ଘଟିଛି । କିନ୍ତୁ ଠିକ୍ ସେହିଭଳି ଭାବରେ ଅବହେଳା ହୋଇଛି ମନୁଷ୍ୟର ଅସ୍ତିତ୍ୱର ଆଚାର ଅର୍ଥାତ୍ ସଦାଚାର । ସ୍ୱାସ୍ଥ୍ୟ ଓ ସଦାଚାର ଏପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିକର ଅବହେଳାରେ ଅନ୍ୟଟି ମଧ୍ୟ କ୍ଷତିଗ୍ରସ୍ତ ହୁଏ । ତେଣୁ ଆଜିକାଲି ବିଶେଷ ଭାବରେ ଦେଖାଯାଏ ଯେ ମନୁଷ୍ୟ ସ୍ୱାସ୍ଥ୍ୟ ସଚେତନ ହୋଇ ମଧ୍ୟ ସଦାଚାର ହୀନତା ନିମିତ ନାନା ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ପୀଡ଼ିତ, ଶଙ୍କିତ ଓ ବ୍ୟତିବ୍ୟସ୍ତ । ମାନବ ସମାଜର ମାନସିକ ଓ ସାମାଜିକ ଅବକ୍ଷୟର ପଟ୍ଟଭୂମିରେ ସ୍ୱାସ୍ଥ୍ୟ-ସଦାଚାର ଓ ଚିକିତ୍ସା ଚିକିତ୍ସକ ପ୍ରସଙ୍ଗରେ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏତେ ପ୍ରାସଙ୍ଗିକ, ମୌଳିକ ଓ ବିଜ୍ଞାନ ସମ୍ମତ ଯେ ତାହା ବିଂଶଶତାବ୍ଦୀର ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ । ଏଗୁଡ଼ିକର ସୁନିଷ୍ଠ ପ୍ରୟୋଗ ଓ ପରିପାଳନ ବର୍ତମାନ ସଂକଟମୟ ଅବସ୍ଥାରୁ ତ୍ରାଣଲାଭ କରିବାର ଏକମାତ୍ର ସହଜତମ ପଥ - ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ୨୦.୧୦-୧୯୩୯ ମସିହାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଦାଚାର ସମ୍ବନ୍ଧରେ କହିଛନ୍ତି - ପ୍ରତ୍ୟେକ ସଦାଚାର ନୀତିର ସ୍ୱାସ୍ଥ୍ୟକର ଫଳ ଅଛି । ଅଜ୍ଞାତ କୁଳଶୀଳ କାହା ହାତରେ ଖାଇବା ଠିକ୍ ନୁହେଁ । ଶରୀର ନିମିତ ଖାଦ୍ୟପେୟ ସମ୍ବନ୍ଧରେ ବିଶେଷ ସାବଧାନ ହେବା ଆବଶ୍ୟକ । କେଉଁ ବ୍ୟକ୍ତିର କଣ ରୋଗ ଅଛି ତାହା ଜଣାନାହିଁ । ଜଣେ ହୁଏତ ସଂକ୍ରମଣ ସହନଶୀଳ, କିନ୍ତୁ ତା ହାତରୁ ଅନ୍ୟମାନେ ଖାଇଲେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଛି । ସ୍ୱପାକ ହିଁ ଶ୍ରେୟ । ଦୋକାନରେ ନଖାଇବା ହିଁ ଭଲ । ସଦାଚାର ବିହୀନ ବିପ୍ର ହାତରେ ମଧ୍ୟ ଖାଇବା ନିଷେଧ । ଅନ୍ୟ ବିଛଣାରେ ଶୋଇବା ଉଚିତ ନୁହେଁ । ଅନ୍ୟ ବ୍ୟକ୍ତିର ଲୁଗା ପିନ୍ଧିବା ମଧ୍ୟ ନିଷେଧ । ଗୋମୟରେ ଘର ଲିପିଲେ ଏଥିରେ ବହୁତ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ସ୍ୱପାକରେ କଷ୍ଟ ହୁଏ କିନ୍ତୁ ନଷ୍ଟ ହୁଏ ନାହିଁ । ଶରୀରକୁ ସହନପଟୁ ଓ ପ୍ରକୃତି ସଙ୍ଗେ ଖାପ ଖୁଆଇ ନେବା ଉଚିତ । ଶରୀରକୁ ଇଷ୍ଟପୂଜାର ଯନ୍ତ୍ର ହିସାବରେ ବ୍ୟବହାର କରି ସୁସ୍ଥ ଓ ସହନପଟୁ ରଖିବା ଉଚିତ ଓ ଏହି ଦୃଷ୍ଟିଭଙ୍ଗୀ ନେଇ ଚାଲିବା ଉଚିତ । ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ - ମୋର ମନେହୁଏ ମନୁଷ୍ୟ ଯଦି କଠୋର ପରିଶ୍ରମ କରେ, ଠିକ୍ ଭାବରେ ନାମଧ୍ୟାନ କରେ, ମାନସିକ ଶାନ୍ତି ଯଦି ବଜାୟ ରଖେ, ତେବେ ଡାଲମା ଭାତ ହିଁ ଯଥେଷ୍ଟ ପୃଷ୍ଟିକାରକ ହୋଇଉଠେ । ସଦାଚାର ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି (୮.୯. ୧୯୪୨) - ପରିସ୍ରା ପରେ ପାଣି ନେବ, ନାକ ଓ ମୁହଁରେ ଆଙ୍ଗୁଳି ଦେଇ ହାତ ଧୋଇବ, ଅନ୍ୟର ବ୍ୟବହୃତ ଜିନିଷ ଯଥା ଜାମା, ଲୁଗା, ଗାମୁଛା, ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ, ଝାଡ଼ା ଯିବା ପରେ ଖୁବ ଭଲ କରି ସଫା ହେବ, ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକ ସବୁ ସମୟ ପରିଷ୍କାର ପରିଚ୍ଛନ୍ନ ରଖିବ, ଅସୁଖ-ବିସୁଖ ହେଲେ ରୋଗର ସଂକ୍ରମଣ ଯେପରି ନ ବଢ଼େ ସେଥିପ୍ରତି ସଜାଗ ରହିବ, ଅନ୍ୟର ଅଇଁଠା ଖାଇବ ନାହିଁ, ଗୋଟିଏ ଥାଳିରେ ସମସ୍ତେ ମିଶି ଖାଇବ ନାହିଁ, ଫଳ ପରିବା ଇତ୍ୟାଦି ଭଲ ଭାବରେ ଧୋଇ ଖାଇବ, ବାସନ ଇତ୍ୟାଦି ଭଲ ଭାବରେ ଧୋଇବ, ଋତୁମତୀ ମା ମାନେ ଶୁଦ୍ଧାଚାରେ ଚାଲିବେ, ରେଷ୍ଟୁରାଂଟ ବା ଦୋକାନରେ ଚା ବା ଜଳଖିଆ କଦାପି ଖାଇବ ନାହିଁ, ବାହାରୁ ଆସି ହାତ ପାଦ ଧୋଇ ଘରେ ପ୍ରବେଶ କରିବ, ବାସି ଲୁଗା ପିନ୍ଧି ଖାଦ୍ୟଦ୍ରବ୍ୟ ସ୍ପର୍ଶ କରିବନାହିଁ, ରୋଷେଇଘରେ ଅଗାଧୁଆ ପଶିବ ନାହିଁ, ଆମିଷ ଆହାର ବର୍ଜନ କରିବ, ପିଆଜ-ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ କରିବ, କଦାଚାରୀ ଲୋକର ହାତରେ ଖାଇବ ନାହିଁ, ନିୟମିତ ବ୍ୟବଧାନରେ ଉପବାସ କରିବ, ଖାଇବା ପୂର୍ବରୁ ହାତଗୋଡ଼ ମୁହଁ ଧୋଇ ଖାଇବ, ନିୟମିତ ଭାବରେ ସ୍ନାନ କରିବ ଇତ୍ୟାଦି । ପରିମିତ ଆହାର, ବିହାର, ଶ୍ରମ ଓ ବିଶ୍ରାମ ନେବା ଦ୍ୱାରା ସ୍ୱାସ୍ଥ୍ୟ ସୁସ୍ଥ ରହେ । ପାରିପାର୍ଶ୍ୱିକଙ୍କୁ ସଦାଚାରୀ କରି ଉଠାଇବ । ସମସ୍ତଙ୍କ ସହିତ ଶୁଭ ସଙ୍ଗତି ନେଇ ଚାଲିବ ଓ ନିଜେ ଏବଂ ଅନ୍ୟମାନଙ୍କ ସହ ସ୍ଫୁର୍ତି ସହକାରେ ରହିବ । ଏଗୁଡ଼ିକ ଠିକ୍ ଠିକ୍ ଭାବରେ ପାଳନ କଲେ ସମାଜର ସ୍ୱାସ୍ଥ୍ୟ ସୁସ୍ଥ ରହିବ । ଏହା ବାଦଦେଇ ରୋଗୀର ସେବା ଶୁଶୃଷା ଯେଉଁମାନେ କରିବେ ସେମାନଙ୍କର ପ୍ରଧାନ ଗୁଣ ହେଲା - ରୋଗୀର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷକରି ନଜର ଦେବେ ଓ ରୋଗୀର ମନକୁ ଉଦ୍ଦୀପ୍ତ ଓ ଉତ୍‌ଫୁଲ୍ଲ କରି ତୋଳିବେ । ପ୍ରୀତିକର ପରିବେଶ ନହେଲେ ମନ ଭଲ ଲାଗେନାହିଁ । ଏହିସବୁ ପରିଷ୍କାର ପରିଚ୍ଛନ୍ନତା ହେଉଛି ଶାରୀରିକ ସଦାଚାରର ଅଙ୍ଗ । ପୁନର୍ବାର ଯୁଗପୁରୁଷୋତମ ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମାନସିକ ସଦାଚାର ଅର୍ଥ ମାନସିକ ସ୍ତରରେ ଏପରି ଚିନ୍ତା କରିବ ଓ ଏପରି ଭାବ ପୋଷଣ କରିବ ଯାହା ବଂଚିବା ଓ ବଢ଼ିବାରେ ସହାୟକ ହୁଏ । କୁତ୍ସିତ, ଅପବିତ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥପରତା ମନକୁ ଦୁର୍ବଳ କରେ । ସେଗୁଡ଼ିକ ମାନସିକ ସଦାଚାରର ବିରୋଧୀ । ଅନ୍ୟପ୍ରତି ଦ୍ରୋହ ବୁଦ୍ଧି, ଅନ୍ୟର ଅମଙ୍ଗଳ କାମନା କରିବା, ଅନ୍ୟର କ୍ଷତି କରିବା, ପାରସ୍ପରିକ ପ୍ରୀତି ଓ ଐକ୍ୟ ପରିବର୍ତେ ବିରୋଧ ଓ ବିଚ୍ଛେଦର କଳ୍ପନା କରିବା ଇତ୍ୟାଦିକୁ ମାନସିକ ଅସଦାଚାର କୁହାଯାଏ । ଗୋଟିଏ କଥାରେ ଇଷ୍ଟ ନିଷ୍ଠା ଓ ଇଷ୍ଟ ଚଳନ ହିଁ ମାନସିକ ସଦାଚାରର ପ୍ରଧାନ ଅଙ୍ଗ । ସଦାଚାର ପାଳନ ନକରୁଥିବା ବ୍ୟକ୍ତିଙ୍କ ହାତରୁ ଖାଇବା ଉଚିତ ନୁହେଁ । ନଖ ସନ୍ଧିରେ ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ ବା ଭୂତାଣୁ ରହନ୍ତି । କିନ୍ତୁ ସୁସ୍ଥ ସଦାଚାରୀ ଓ ବିହିତ ସଂସ୍କାରଶୁଦ୍ଧ ହେଲେ ସେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ ନା କାହିଁକି ତାଙ୍କ ହାତରୁ ଖାଇବାର କୌଣସି ବାଧା ନାହିଁ । ଲଙ୍କା ବେଶୀ ଖାଇଲେ ପେଟ ଓ ମସ୍ତିଷ୍କ ଉତେଜିତ ହୁଏ । ଅତ୍ୟନ୍ତ ଦୃଢ଼ କଣ୍ଠରେ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - କେବଳ ସଦାଚାର ପାଳନ କଲେ ହେବନାହିଁ । ସ୍ୱାସ୍ଥ୍ୟ ରକ୍ଷାର ସମସ୍ତ ବିଧି ପାଳନ କରିବାକୁ ହେବ । ସଦାଚାର ହେଉଛି ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ । ଏହି ତିନୋଟିର ସଙ୍ଗତି ଯଦି ନହୁଏ ସଦାଚାର ପୂର୍ଣ୍ଣ ହୁଏନାହିଁ । ସଙ୍ଗତି ହେଲେ ବିଭିନ୍ନ ସ୍ତରରେ ପାରସ୍ପରିକ ଭାବରେ ସଦ୍‌ସନ୍ଦୀପନା ସହ ଶକ୍ତି ସମୃଦ୍ଧ ହୁଏ । ଇଷ୍ଟ, ବ୍ୟଷ୍ଟି ଓ ପରିବେଶ ଏହି ତିନିଟିର ସଙ୍ଗତି ହିଁ ଜୀବନ । ମୃତ୍ୟୁକୁ ମଧ୍ୟ ଅତିକ୍ରମ କରିହୁଏ । ପୁଣି ମୃତ୍ୟୁ ଭିତରେ ଯଦି ସ୍ମୃତିବାହୀ ଚେତନା ଲାଭ କରାଯାଏ ତାହା ହେଲେ ମରି ମଧ୍ୟ ମଣିଷ ଅମର ହୋଇ ରହେ । ଆୟୁଷକୁ ମଧ୍ୟ ନିୟମିତ ସାଧନା ମାଧ୍ୟମରେ ବୃଦ୍ଧି କରାଯାଇ ପାରେ । ଧର୍ମ ଓ ବିଜ୍ଞାନର ଯଦି ସମନ୍ୱୟ ଘଟେ ତେବେ ମନୁଷ୍ୟର ଆୟୁବୃଦ୍ଧି ହେବ । ମୃତ୍ୟୁ ଅନିବାର୍ଯ୍ୟ ହେଲେ ମଧ୍ୟ ତାହା ନିବାର୍ଯ୍ୟ ହୋଇପାରେ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସକାଳେ ଥାଲକୁଡ଼ି ପତ୍ର ଖାଇବାକୁ କହିଛନ୍ତି । ଥାଲକୁଡ଼ିର ଅନ୍ୟ ନାମ ଅମୃତା । ଅମୃତ ପରି କାମ କରେ । ଛୁଁତ୍‌ମାର୍ଗ ତ୍ୟାଗ କରା ଭଲ କିନ୍ତୁ ସଦାଚାର ତ୍ୟାଗ କରିବା ଭଲ ନୁହେଁ । ସଦାଚାର ଓ ସ୍ୱପାକୀ ଯେଉଁମାନେ ସେମାନେ ଅନେକ ରୋଗ ଏଡ଼ାଇ ଚାଲିପାରନ୍ତି । ରୋଗମାନେ ଶରୀର-ମାନସ ଅସଙ୍ଗତି । ଆରୋଗ୍ୟମାନେ ପୁନର୍ବିନ୍ୟାସ । ରୁଗ୍ଣ ଅବସ୍ଥାରେ ନାମ ଧ୍ୟାନ ପରାୟଣ ଓ ଆତ୍ମବିଶ୍ଳେଷଣ ମୁଖର ହୋଇ ଅଭ୍ୟସ୍ତ ଦୈହିକ ଓ ମାନସିକ ଅନଚାର ଓ କଦାଚାର ଗୁଡ଼ିକୁ ପ୍ରତ୍ୟକ୍ଷ କରି ସେଗୁଡ଼ିକର ନିରସନ କରିଲେ ପ୍ରାୟଶ୍ଚିତ ହୁଏ । ନାମ ଧ୍ୟାନ ଓ ସଦାଚାର ମାଧ୍ୟମରେ ଶରୀର ପ୍ରାଣ ପୁରିତ ହୋଇ ଉଠେ । ଆଧ୍ୟାତ୍ମିକ ସଦାଚାର ବିଷୟରେ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷୋତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କରିଛନ୍ତି - ଶ୍ରୀମଦ୍ ଭଗବତ ଗୀତାରେ ଅଛି - ଏକ ଭକ୍ତି ର୍ବିଶିଷ୍ୟତେ । ଏକ ଭକ୍ତି ପରାୟଣତା ବା ଅକାଟ୍ୟ ଇଷ୍ଟ ନିଷ୍ଠା ହିଁ ଆଧ୍ୟାତ୍ମିକ ସଦାଚାର । ଏହାକୁ କଦାପି ଛାଡ଼ିବ ନାହିଁ । ସତାସ୍ପର୍ଶୀ ଇଷ୍ଟାନୁରାଗ ହେଲା ଆଧ୍ୟାତ୍ମିକ ସଦଚାର ଓ ଏହାର ଭିତି ଉପରେ ହିଁ ମାନସିକ ଓ ଶାରୀରିକ ସଦାଚାର ଗଢ଼ି ଉଠେ । ପୁଣି ଶାରୀରିକ ସଦାଚାର ନଥିଲେ ମଧ୍ୟ ମାନସିକ ଓ ଆଧ୍ୟାତ୍ମିକ ସଦାଚାର ବ୍ୟାହତ ହୁଏ । କରଣୀୟ କର୍ମ ଠିକ୍ ସମୟରେ ନକରିଲେ ମନୁଷ୍ୟ ରୋଗକୁ ଆହ୍ୱାନ କରେ । କାରଣ ଏହାଦ୍ୱାରା ଜୀବନାବେଗ କମିଯାଏ । ମନୁଷ୍ୟ ଅଳସ ହୋଇ ଉଠେ । ସ୍ନାୟୁର ପ୍ରତିରୋଧ କ୍ଷମତା କମିଯାଏ । ବିହିତ କର୍ମ କରିଲେ ମନୁଷ୍ୟର ଜୀବନୀ ଶକ୍ତି ବୃଦ୍ଧିପାଏ । ଶରୀରର ଯତ୍ନ ନିଅ - ଏଇଟା ହିଁ ପ୍ରଥମ ଠାକୁରଘର । ମାନସିକ ସ୍ୱାସ୍ଥ୍ୟ ଉପରେ ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ନିର୍ଭରଶୀଳ, ତେଣୁ ମନର ଶୁଦ୍ଧତା, ସୁସ୍ଥତା ଓ ସରଳତାର ନଜର ରଖିବାକୁ ହୁଏ । ମନୁଷ୍ୟ ଯେତେ ପ୍ରବୃତି ପରାୟଣ ଓ ସ୍ୱାର୍ଥ ସନ୍ଧିତ୍ସୁ ହୁଏ ସେତେ ପରିମାଣରେ ମନ ରୁଗଣ ଓ ସଂକୀର୍ଣ୍ଣ ହୋଇ ଉଠେ । ମାନସିକ ସ୍ୱାସ୍ଥ୍ୟ କ୍ଷୁର୍ଣ୍ଣ ହେଲେ ରୋଗବ୍ୟାଧି ଶରୀରରେ ସୃଷ୍ଟିହୁଏ । ପାରିପାର୍ଶ୍ୱିକ ଯେଭଳି ସୁସ୍ଥ, ସଦାଚାରୀ, ଶୁଦ୍ଧ ଓ ପ୍ରଫୁଲ୍ଲ ରହନ୍ତି ସେ ଦିଗକୁ ମଧ୍ୟ ସକ୍ରିୟ ଦୃଷ୍ଟି ଦେବାକୁ ପଡ଼େ । ଏହାଦ୍ୱାରା ମାନସ ପ୍ରେରଣା ବଢ଼େ ଓ ଜୀବନୀୟ ଉଲ୍ଲାସର ଆର୍ବିଭାବ ହୁଏ । ସେ ସବୁର ମୂଳରେ ଅଛି ଗୁରୁଭକ୍ତି ବା ଇଷ୍ଟପ୍ରାଣତା । ନାମଧ୍ୟାନ ଓ ମାନସିକ ସମତା ଖୁବ ଦରକାର । ସାତ୍ତ୍ୱିକ ଆହାର ନେବାକୁ ହୁଏ । କଥାବର୍ତା, ଚାଲିଚଳନ, ଆଚାର ବ୍ୟବହାରରେ ସଂଯତ ହେବାକୁ ହୁଏ । ମନୁଷ୍ୟର ଯୌନ ଜୀବନ ସୁନିୟନ୍ତ୍ରିତ ହେବା ଏକାନ୍ତ ଆବଶ୍ୟକ । ପରିଶ୍ରମ ଓ ବିଶ୍ରାମ ଆବଶ୍ୟକ । ଇଷ୍ଟ ତପସ୍ୟା ରୋଗ ପ୍ରତିଷେଧକ କ୍ଷମତା ତ୍ୱରାନ୍ୱିତ କରେ ଓ ସଦାଚାର ତାହା ପରିରକ୍ଷିତ କରେ । ଉପବାସରେ ପ୍ରବୃତି ଗୁଡ଼ିକ ଦୁର୍ବଳ ହୁଏ, ତେଣୁ ଭକ୍ତି ବଢ଼ିଯାଏ । ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା ।








# ଅଦୃଶ୍ୟ ହାତ



◆ଆଶୁତୋଷ ନାୟକ

ସୃଷ୍ଟିର ଆରମ୍ଭରୁ ଏହା ପ୍ରମାଣିତ ଯେ ପ୍ରକୃତି ବିଜ୍ଞାନ ଠାରୁ ବଳଶାଳୀ । ମଣିଷ ନିଜର ସମସ୍ତ ସାମର୍ଥ୍ୟ ପ୍ରୟୋଗ କରି ମଧ ପ୍ରକୃତି ଉପରେ ନିଜର ଆଧିପତ୍ୟ ବିସ୍ତାର କରିବା ଅସମ୍ଭବ । ଯେଉଁ ମନୁଷ୍ୟ ମାନେ ଭଗବାନଙ୍କର ଅସ୍ତିତ୍ୱ ଉପରେ ସର୍ବଦା ପ୍ରଶ୍ନବାଚୀ ସୃଷ୍ଟି କରନ୍ତି ସେମାନେ ଜାଣି ରଖିବା ଉଚିତ ପ୍ରକୃତିର ସୃଷ୍ଟି ବିଜ୍ଞାନର ଅନ୍ତରୁ ହିଁ ଆରମ୍ଭ ହୋଇଥାଏ । ନିଜର ଅର୍ଥ, ବ୍ୟାଙ୍କ ବାଲାନ୍ସ, ପ୍ରତିଷ୍ଠା, କ୍ଷମତା,ସୁନ୍ଦର ଆକର୍ଷଣୀୟ ଚେହେରା ପାଇଁ ଅହଂକାର କରୁଥିବା ମନୁଷ୍ୟ ଆଜି କିନ୍ତୁ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ପ୍ରତି ମୁହୂର୍ତ୍ତରେ ବଂଚିବା ପାଇଁ ସଂଗ୍ରାମ କରୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ କୃତିମ ବୃଦ୍ଧିମତା ପ୍ରୟୋଗ କରି ଅନେକ ଅସାଧ କର୍ମ ସଂପାଦନ କରୁଛି । କୃତିମ ବୃଦ୍ଧିମତା ଦ୍ୱାରା ଅନେକ ଘାତକ ଦୂରାରୋଗ୍ୟ କ୍ୟାନସର, ହାର୍ଟଷ୍ଟୋକ, ବ୍ରେନଷ୍ଟୋକ, ହାର୍ଟ ଅପେରସନ, କିଡ଼ନୀ ଟ୍ରାନ୍ସପ୍ଲାଟ ଇତ୍ୟାଦି ସହଜରେ ଚିକିତ୍ସା କରାଯାଇ ପାରୁଛି । ବିଭିନ୍ନ ଅତ୍ୟାଧୁନିକ ସାଟେଲାଇଟ, ମିଶାଇଲ, ଇତ୍ୟାଦିର ପ୍ରେରଣ ସମ୍ଭବ ହୋଇପାରୁଛି । ଏକବିଂଶ ଶତାବ୍ଦୀର ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ବଳରେ ବଳୀୟାନ ହୋଇ ବିଜ୍ଞାନ ଦ୍ୱାରା ଅସମ୍ଭବ କୁ ସମ୍ଭବ କରୁଛି କିନ୍ତୁ ସବୁ କିଛି ଥାଇ ମଧ ଏ ବିଶ୍ୱ ବ୍ରହ୍ମାଣ୍ଡରେ ଥିବା ଅଗଣିତ ପ୍ରାଣୀଙ୍କ ମଧ୍ୟରେ ନିଜକୁ ସର୍ବଶକ୍ତିମାନ, ବୃଦ୍ଧିମାନ ପ୍ରାଣୀ ଭାବେ ବିବେଚନା କରୁଥିବା ରକ୍ତମାଂସଧାରୀ ମନୁଷ୍ୟ ପ୍ରକୃତି ପାଖରେ ଅସହାୟ ହୋଇ ପଡୁଛି । ଯେତେବେଳେ କୌଣସି ପ୍ରାକୃତିକ ଦୁର୍ବିପାକ ଯେପରି ଭୂମିକମ୍ପ, ସୁନାମି, ପ୍ରଳୟକାରୀ ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼ ପରି ବିପଦକୁ ସାମନା କରୁଛି ସେତେବେଳେ କୌଣସି ଉପାୟ ନପାଇ ନିଜ ଜୀବନ ବଂଚାଇବା ପାଇଁ ଈଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରୁଛି କାରଣ ସେତେବେଳେ ହିଁ ମନୁଷ୍ୟ ଈଶ୍ୱରଙ୍କ ସତା ଉପଲବ୍ଧି କରୁଛି ଯେତେବେଳେ ସେ ବଂଚିବାର ରାହା ଖୋଜୁଛି । ଈଶ୍ୱରଙ୍କ ଅଦୃଶ୍ୟ ହାତ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ କୌଣସି ଶକ୍ତି ମନୁଷ୍ୟକୁ ଭୟଙ୍କର ବିପତିରୁ ଉଦ୍ଧାର କରିବାର ସାମର୍ଥ ନାହିଁ । ଗୋଟିଏ ସହରରେ ଦୁଇଜଣ ବ୍ୟକ୍ତି ବସବାସ କରୁଥିଲେ । ସେହି ଦୁଇଜଣ ବ୍ୟକ୍ତି ପରମ ବନ୍ଧୁ ଥିଲେ ଏବଂ ତାଙ୍କ ମଧ୍ୟରେ ନିବିଡ ସମ୍ପର୍କ ଥିଲା । କିନ୍ତୁ ସେ ଦୁଇଜଣ ବନ୍ଧୁଙ୍କ ସ୍ୱଭାବ ବିପରୀତ ଥିଲା । ଜଣେ ପ୍ରଗାଢ଼ ଈଶ୍ୱର ବିଶ୍ୱାସୀ ଥିଲେ ସତ୍ୟ, ନୀତି ନିୟମ, ପରୋଉପକାରୀ, ସ୍ୱାଭିମାନୀ ବ୍ୟକ୍ତି ଥିଲେ । କିନ୍ତୁ ସେ ସୁଦାମାଙ୍କ ପରି ଅତ୍ୟନ୍ତ ଦରିଦ୍ର ବ୍ରାହ୍ମଣ ଥିଲେ । ସେ ପୂଜାପାଠ କରି ବହୁକଷ୍ଟରେ ନିଜର ପରିବାର ପୋଷଣ କରୁଥିଲେ । ଆଉ ଜଣେ ବ୍ୟକ୍ତି ନାସ୍ତିକ ଥିଲେ । ସେ ଈଶ୍ୱରଙ୍କୁ କଦାପି ବିଶ୍ୱାସ କରୁନଥିଲେ ଏବଂ ମନ୍ଦିରପରି ଧାର୍ମିକ ସ୍ଥଳକୁ କେବେବି ଯାଉନଥିଲେ । ସେ ବହୁତ ଅହଂକାରୀ ଥିଲେ । ତାଙ୍କ ପାଖରେ ଅମାପ ସମ୍ପତି, ପୁଳା ପୁଳା ଟଙ୍କା ଥିଲା । ସେ ଅର୍ଥକୁ ନିଜର ସବୁକିଛି ମନେ କରୁଥିଲେ ଆଉ ସଦାସର୍ବଦା କହୁଥିଲେ ଅର୍ଥ ଦ୍ୱାରା ସବୁକିଛି କରିପାରିବେ ସବୁ ଅସମ୍ଭବ କାର୍ଯ୍ୟକୁ ଚୁଟିକି କରିପାରିବେ । ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତି ମୋହରେ ଅନ୍ଧ ହୋଇ ସେ ନିଜର ଅନ୍ତରଙ୍ଗ ଦରିଦ୍ର ବନ୍ଧୁଙ୍କୁ ସଦାସର୍ବଦା ଉପହାସ କରୁଥିଲେ ଏବଂ କହୁଥିଲେ ଈଶ୍ୱରଙ୍କ ସତା କିଛି ନାହିଁ ଏ ଦୁନିଆରେ, ନିଜର ବାହୁବଳ, ଅର୍ଥବଳ, କ୍ଷମତା ପ୍ରୟୋଗ କରି ସେ ସବୁକିଛି କରିପାରିବେ । ଧନୀ ବ୍ୟକ୍ତିଙ୍କର ଦୁଇପୁତ୍ର ଥିଲେ । ସେମାନେ ସଦାସର୍ବଦା ନିଶାଗ୍ରସ୍ତ ରହୁଥିଲେ, ସୋମରସ ପାନ କରି ଆମିଷ ଭକ୍ଷଣ କରି ମଉଜ ମଜଲିସରେ ନିଜର ସମୟ ଅତିବାହିତ କରୁଥିଲେ । ସେମାନେ ଅତ୍ୟନ୍ତ ବିଶୃଙ୍ଖଳିତ, ଉଗ୍ର, ଗର୍ବୀ ଥିଲେ । ସେ ଦରିଦ୍ର ବ୍ରାହ୍ମଣ ବ୍ୟକ୍ତିଙ୍କର ଗୋଟିଏ ପୁତ୍ର ଥିଲେ ।ସେ ଚିତ୍ରକଳାରେ ନିପୁଣ ଥିଲେ । ଜଗନ୍ନାଥ ମହାପ୍ରଭୁ ସାନିଧ ପାଇବା ପାଇଁ ନିଜର ପିତାଙ୍କ ପରି ସେ ମଧ ସଦାସର୍ବଦା ଧ୍ୟାନଗ୍ରସ୍ତ ରହୁଥିଲେ । କିଛିଦିନର ସମୟ ଅତିକ୍ରାନ୍ତ ହେଲାପରେ ଦିନେ ମହାପ୍ରଭୁ କାଳିଆ ସାଆନ୍ତଙ୍କ କୃପାଦୃଷ୍ଟି ସେ ଦରିଦ୍ର ବ୍ରାହ୍ମଣଙ୍କ ପୁତ୍ର ଉପରେ ପଡ଼ିଲା । ଦରିଦ୍ର ବ୍ରାହ୍ମଣର ପୁତ୍ର ଶୋଇଥିବା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କର ସ୍ୱପ୍ନାଦେଶ ହେଲା ନିଜର ଚିତ୍ରକଳା ମାଧ୍ୟମରେ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତି ନିର୍ମାଣ କରି ଅର୍ଥ ଉପାର୍ଜନ କରିବା ପାଇଁ । ନିଦରୁ ଉଠିଲାପରେ ସେ କାଳବିଳମ୍ବ ନକରି ନିଜର ପିତାଙ୍କ ସହ ସ୍ୱପ୍ନାଦେଶ ବିଷୟରେ ଆଲୋଚନା କଲେ ଏବଂ ପିତାଙ୍କର ନିର୍ଦ୍ଦେଶରେ ବିଭିନ୍ନ ଦେବଦେବୀଙ୍କର ପ୍ରତିମୂର୍ତି ନିର୍ମାଣରେ ଲାଗିଗଲେ । ମହାପ୍ରଭୁ ଜଗନ୍ନାଥଙ୍କର ଅଦୃଶ୍ୟ ହାତ ସଦାସର୍ବଦା ତାଙ୍କ ଉପରେ ରହିଛି ବୋଲି ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ସେଥିପାଇଁ ଅଳ୍ପ ଦିନ ମଧ୍ୟରେ ଚିତ୍ରକଳା ବିଦ୍ୟାରେ ସେ ପାରଙ୍ଗମ ହୋଇଯାଇଥିଲେ ଏବଂ ବିଭିନ୍ନ ଦେବାଦେବୀଙ୍କର ପ୍ରତିମୂର୍ତି ତାଙ୍କ ପାଖରୁ ନେବା ପାଇଁ ଦେଶବିଦେଶରୁ ଅନେକ ବ୍ୟକ୍ତି ଆସୁଥିଲେ । ସେ ଚିତ୍ରକଳା ବିଦ୍ୟା ମାଧ୍ୟମରେ ଯାହାବି ଅର୍ଥ ଉପାର୍ଜନ କରୁଥିଲେ ସେଥିରୁ ଅଧିକାଂଶ ଅର୍ଥ ତାଙ୍କ ସହରରେ ଗୋଟିଏ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ବିନିଯୋଗ କରିଥିଲେ । ଏହିପରି କିଛିବର୍ଷ ଅତିକ୍ରାନ୍ତ ହେଲାପରେ ଦିନେ ସେ ଦରିଦ୍ର ବ୍ରାହ୍ମଣ ପରିବାର ସହିତ ଅଲୌକିକ ଘଟଣା ଘଟିଲା । ଦିନେ ପ୍ରାତଃ ସମୟରେ ' ଭିକ୍ଷା ଦେହି ' ର ଶବ୍ଦ ଦରିଦ୍ର ବ୍ରାହ୍ମଣ ପରିବାର ସଦସ୍ୟଙ୍କ କର୍ଣ୍ଣରେ ଗୁଞ୍ଜରିତ ହେଲା । ସେମାନେ ସପରିବାର ବାହାରକୁ ଆସି ଦେଖିଲେ ଜଣେ ସନ୍ୟାସୀ ଭଗବାନ ହନୁମାନଙ୍କ ମନ୍ଦିର ନିର୍ମାଣ ପାଇଁ କିଛି ଅର୍ଥର ସହାୟତା ଲୋଡ଼ିଥିଲେ । ସନ୍ୟାସୀଙ୍କ କଥା ଶୁଣି ବ୍ରାହ୍ମଣ ଏବଂ ତାଙ୍କର ପୁତ୍ର କାଳବିଳମ୍ବ ନକରି ତାଙ୍କ ପାଖରେ ସଂଚିତ ଥିବା କିଛି ଅର୍ଥରାଶି ସେ ସନ୍ୟାସୀଙ୍କୁ ପ୍ରଦାନ କରିଥିଲେ । ସେହି ସମୟରେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିତ ହେଲା । ସେ ସହରରେ ଭୟଙ୍କର ଭୂମିକମ୍ପ ଦୃଶ୍ୟମାନ ହେଲା । ଭୂମିକମ୍ପର ତ୍ରିବତା ଏତେମାତ୍ରାରେ ଥିଲାଯେ ସେ ସହରରେ ଥିବା ସମସ୍ତ ବିଶାଳକାୟ ସୁରମ୍ୟ ଅଟ୍ଟାଳିକା, ଅନେକ ଗୃହ, ଏପରିକି ସେ ଧନୀ ବ୍ୟକ୍ତିଙ୍କ ବିଶାଳ ସାମ୍ରାଜ୍ୟ ମଧ ତାସର ଘର ପରି ଭାଙ୍ଗି ଚୁରମାର ହୋଇଯାଇଥିଲା । ଧନୀ ବ୍ୟକ୍ତିଙ୍କ ପରିବାରର ସମସ୍ତ ସଦସ୍ୟ ଜୀବନଦୀପ ଲିଭିଯାଇଥିଲା ଏବଂ ତା ସହିତ ଗୃହର ସମସ୍ତ ଆସବାସ ପତ୍ର, ମୂଲ୍ୟବାନ ବସ୍ତୁ, ଜୀବନବ୍ୟାପି ସଂଚଥିବା ସମସ୍ତ ଅର୍ଥ ଆଖି ପିଛୁଳାକେ ମାଟିରେ ମିଶିଗଲା । ହାତଗଣତି କିଛି ବ୍ୟକ୍ତିଙ୍କୁ ଛାଡିଦେଲେ ସହରରେ ଅଧିକାଂଶ ବ୍ୟକ୍ତିଙ୍କର ଭୂମିକମ୍ପରେ ପ୍ରାଣହାନୀ ଘଟିଥିଲା ଆଉ ଅନେକ ପଙ୍ଗୁ ହୋଇଯାଇଥିଲେ । ସେ ଦରିଦ୍ର ବ୍ରାହ୍ମଣ ପରିବାର ଭୂମିକମ୍ପର କରାଳ ରୂପ ଦେଖି ହତବାକ ହୋଇଯାଇଥିଲେ । ସେ ରହୁଥିବା ବାସସ୍ଥାନ ମାଟିରେ ମିଶିଯାଇଥିଲେ ମଧ ତାଙ୍କ ପରିବାର ସମସ୍ତ ସଦସ୍ୟଙ୍କ ମୂଲ୍ୟବାନ ଜୀବନ ସୁରକ୍ଷିତ ଥିଲା । ମହାପ୍ରଭୁ ଜଗତର ନାଥ ଜଗନ୍ନାଥ ଯେ ସନ୍ୟାସୀ ବେଶରେ ଆସି ଭୂମିକମ୍ପ ପରି ଭୟଙ୍କର ବିପତିରୁ ଦରିଦ୍ର ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟଙ୍କୁ ଉଦ୍ଧାର କରିଛନ୍ତି ଏହା ସେମାନେ ଭଲଭାବରେ ବୁଝିଯାଇଥିଲେ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ତାଙ୍କର ବିଶ୍ୱାସ ଆହୁରି ପ୍ରଗାଢ଼ ହୋଇଯାଇଥିଲା । ଯୁଗେ ଯୁଗେ ଏହା ପ୍ରମାଣିତ ମହାପ୍ରଭୁ କାଳିଆ ସାଆନ୍ତ ନିଜର ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିଥାନ୍ତି ଏହା ବୁଝିବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ ।



‘ଭକତ ତ ମାତା ପିତା ଭକତ ତ ବନ୍ଧୁ, ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ’

*ଗୋପାଳପୁର, ବାଲେଶ୍ୱର ,*
*ମୋ-୭୦୨୦୬୧୧୩୦୦*

# ନୀଳଚକ୍ର




ରଥଯାତ୍ରାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ଼ଭାଇ ଓ ଭଉଣୀକୁ ନେଇ ବଡ଼ଦାଣ୍ଡରେ କୋଟି କୋଟି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ଆଶୀର୍ବାଦ କରିବେ । ଆମେ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ନୀଳଚକ୍ର ସମ୍ପର୍କରେ ଗୋଟିଏ ଛୋଟିଆ ଆଧ୍ୟାତ୍ମିକ ଆଲୋଚନା ରଖୁଛୁ । କୁହାଯାଏ ବଡ଼ ଦେଉଳର ନୀଳଚକ୍ର ହିଁ ଶ୍ରୀବିଷ୍ଣୁଙ୍କ ଆୟୁଧ ସୁଦର୍ଶନ । ପୁରାଣରେ ବର୍ଣ୍ଣନା ଅଛି, ବିଷ୍ଣୁଙ୍କ ଦକ୍ଷିଣ ହସ୍ତମଣ୍ଡନ କରିଥିଲେ ଚକ୍ରରାଜ ସୁଦର୍ଶନ । ଏଠାରେ ଶୋଭାପାଉଛନ୍ତି ଦଣ୍ଡରୂପରେ ଶ୍ରୀଜୀଉଙ୍କ ବାମ ପାର୍ଶ୍ୱରେ । ପ୍ରଭୁ ସୁଦର୍ଶନଙ୍କୁ ନୀଳଚକ୍ରର ପରିଚୟ ଦେଇ ବସାଇଛନ୍ତି ବଡ଼ଦେଉଳ ଉପରେ । ବାମନ ପୁରାଣ ଅନୁସାରେ, ପାପାଚାରୀ ରାକ୍ଷାସମାନଙ୍କର ବିନାଶ ପାଇଁ ଦେବତାଙ୍କର ତେଜପୁଞ୍ଜରୁ ସଦାଶିବ ସୁଦର୍ଶନ ଚକ୍ରଙ୍କୁ ସର୍ଜନା କରି ଗୋଲକବିହାରୀ ବିଷ୍ଣୁଙ୍କ ଶ୍ରୀହସ୍ତରେ ଅର୍ପଣ କରିଥିଲେ । ମତ୍ସ୍ୟ ପୁରାଣ ଅନୁଯାୟୀ, ସୂର୍ଯ୍ୟଦେବଙ୍କ ତେଜ ପ୍ରଶମନ କରି ଜନହିତକାରୀ ରୂପ ନିମନ୍ତେ ତେଜରାଶି ୩ ଭାଗରେ ବିଭକ୍ତ ହୋଇଥିଲା । ପ୍ରଥମ ଭାଗ ସୁଦର୍ଶନ, ଦ୍ୱିତୀୟ ଭାଗ ତ୍ରିଶୂଳ ଓ ଶେଷ ଭାଗ ପରିଚୟ ଲଭିଲା ବଜ୍ର ନାମରେ । ସ୍କନ୍ଦ ପୁରାଣ ଅନୁସାରେ ଶ୍ରୀଜଗନ୍ନାଥ କଳିଯୁଗରେ ନିଜର ଆୟୁଧମାନଙ୍କୁ ତ୍ୟାଗ କରିବାରୁ ପ୍ରଭୁ ସମସ୍ୟାରେ ପଡ଼ିବେ ବୋଲି ବଡ଼ିମା ଦେଖାଇଲେ ସୁଦର୍ଶନ । ପ୍ରଭୁ ତାର ଗର୍ବ ଭାଙ୍ଗିବା ପାଇଁ ହନୁମାନଙ୍କୁ ଚୟନ କରନ୍ତି । ହନୁମାନ ସୁଦର୍ଶନଙ୍କୁ ଡାକିବାରୁ ସେ ସେଠାରେ ମଧ କ୍ରୋଧ ସଂଯମ ନ କରି ନିଜର ଗର୍ବ ଦେଖାଇଲେ । ହନୁମାନ ରାଗିଯାଇ ତାଙ୍କୁ ଚାରିଖଣ୍ଡ କରି ଭାଙ୍ଗି ଦେଇ ବିଷ୍ଣୁଙ୍କ ପାଖରେ ପହଂଚିଲେ । ପରେ ହନୁମାନଙ୍କ ପ୍ରାର୍ଥନାରେ ଅହଂଭାବୀ ସୁଦର୍ଶନଙ୍କୁ ପ୍ରଭୁ ଚକ୍ର ପରିବର୍ତେ ଦଣ୍ଡ ଭାବରେ ନିଜ ପାଖରେ ରଖିଲେ । ଶ୍ରୀମନ୍ଦିରର ସତ୍ୱଲିପି ଅନୁଯାୟୀ ଏହି ଚକ୍ରର ଉଚ୍ଚତା ୧୧ଫୁଟ ୮ ଇଂଚ, ବ୍ୟାସ ୭ଫୁଟ ୬ ଇଚଂ, ପରିଧି ଫଳକର ଚଉଡା ୨ ଇଂଚ, ପରିଧିର ଓସାର ୯ ଇଂଚ । ଚକ୍ରର କେନ୍ଦ୍ରସ୍ଥିତ ବୃତାକାର କ୍ଷେତ୍ରର ବ୍ୟାସ ୨ଫୁଟ ଅଢ଼େଇ ଇଂଚ । ଏଥିରେ ୮ଟି ଅର ରହିଛି । ଏହାର ଓଜନ ଦେଢ଼ଶହ କ୍ୱିଂଟାଲରୁ ଅଧିକ । ଅଧା ଲୁହା, (ତମ୍ବା, ରୂପା, ସୁନା, ଦସ୍ତା, ସିସା ଓ ପାରଦ) ଆଦି ଧାତୁରୁ ପାଏ ଲେଖାଏଁ ଭାଗ କରି ଅଷ୍ଟଧାତୁକୁ ନେଇ ଏହା ନିର୍ମିତ । ମହାପ୍ରଭୁଙ୍କୁ ନୀଳଚକ୍ର ସମସ୍ତଙ୍କୁ ଘଂଟ ଘୋଡ଼ାଇ ରଖୁ, ସମସ୍ତଙ୍କୁ ବିପଦ ଆପଦରୁ ଉଦ୍ଧାର କରୁ ଏହା ହିଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ।

# ସାନ୍ତାଳ ବିଦ୍ରୋହ



◆କ୍ଷୀରୋଦିନୀ ବେହେରା

ଭାରତରେ ମୋଗଲ ଶାସନ ଚାଲୁଥିବା ସମୟରେ ଇଂରେଜ ମାନେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଆସିଥିଲେ । ସେତେବେଳେ ମୋଗଲ ଶାସକ ନୁରୁଦ୍ଦିନ ଜାହାଙ୍ଗିର ନିଶାଶକ୍ତ ଅବସ୍ଥାରେ ରହିଥିବାରୁ ଇଂରେଜ ମାନେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ । ପରେ ଭାରତରେ ବିଭିନ୍ନ ଅଂଚଳରେ ବାଣିଜ୍ୟକେନ୍ଦ୍ର ପ୍ରତିଷ୍ଠା କରି ଇଂରାଜୀ ଉପନିବେଶ ସାମ୍ରାଜ୍ୟ ଅଧୀନକୁ ଆଣିବା ସହଜ ହେଲା । ଯୁଦ୍ଧରେ ରାଜାମାନଙ୍କୁ ପରାସ୍ତ କରି **Company Council of Bengal** କଲିକତାରେ ପ୍ରତିଷ୍ଠା କରାଗଲା ଏବଂ ଭାରତରେ ଥିବା ପାରମ୍ପରିକ ନୀତିକୁ ହଟାଇ **Self Governance Rules** ଇଂରେଜମାନେ ଆରମ୍ଭ କରିଲେ । ଏହି ଭଳି କାନୁନ୍ ଆଣିବାଦ୍ୱାରା ଭାରତୀୟମାନେ ନିଜର ମାଲିକାନା ହରାଇବା ସହିତ ଅଧିକାରରୁ ବଂଚିତ ହେଲେ, ଯେଉଁଥିପାଇଁ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବିଦ୍ରୋହ କୁହାଯାଉଥିବା ୧୮୫୭ ରେ ‘ସିପାହୀ ବିଦ୍ରୋହ’ର ଦୁଇ ବର୍ଷ ପୂର୍ବରୁ ସାନ୍ତାଳ ବିଦ୍ରୋହ ବା ସାନ୍ତାଳ ହୁଲ୍ ୧୮୫୫-୫୬ରେ ଚାରି ଭାଇ ତଥା ସିଦୋ, କାହ୍ନୁ, ଚାନ୍ଦ ଓ ଭାଇରବ ମୁର୍ମୁଙ୍କ ନେତୃତ୍ୱରେ ଏହି ବିଦ୍ରୋହ ହୋଇଥିଲା । ସେମାନଙ୍କ ଦୁଇ ଭଉଣୀ ଫୁଲୋ ଏବଂ ଝାନୋ ମୁର୍ମୁଙ୍କ ନେତୃତ୍ୱରେ ମହିଳାମାନଙ୍କୁ ଏକତ୍ରିତ କରି ଏହି ମହାବିଦ୍ରୋହରେ ଦୁଇ ଭଉଣୀ ମଧ ନେତୃତ୍ୱ ନେଇଥିଲେ । ଏହା ପୂର୍ବ ଭାରତରେ ଆଜି ଝାଡ଼ଖଣ୍ଡ ରାଜ୍ୟର ଏକ ସ୍ଥାନୀୟ ବିଦ୍ରୋହ ଥିଲା କିନ୍ତୁ ପରବର୍ତୀରେ ଏହି ବିଦ୍ରୋହ ସାରା ପୂର୍ବ ଭାରତରେ ବ୍ୟାପିଥିଲା । ଏହା ଇଂରେଜ ଔପନିବେଶିକ ଶାସନର ଅତ୍ୟାଚାର ପୂର୍ଣ୍ଣ ନୀତି, ଯାହା ଏକ ବିକୃତ ରାଜସ୍ୱ ପଦ୍ଧତି ମାଧ୍ୟମରେ ପ୍ରସାରିତ ହୋଇଥିଲା ଏବଂ ସ୍ଥାନୀୟ ଜମିଦାରୀ ବ୍ୟବସ୍ଥା, ଦୁର୍ନୀତି-ଭ୍ରଷ୍ଟାଚାର ପୁଲିସ୍ ଏବଂ ଇଂରେଜ ସ୍ଥାପିତ ଅଦାଲତଗୁଡ଼ିକରେ ନ୍ୟାୟରୁ ବଂଚିତ ବିରୁଦ୍ଧରେ ସାନ୍ତାଳ ଲୋକମାନଙ୍କ ଦ୍ୱାର ମହାବିଦ୍ରୋହ ହୋଇଥିଲା । ଏହି ବିଦ୍ରୋହ ଜୁନ୍ ୩୦, ୧୮୫୫ ମସିହାରେ ଆରମ୍ଭହୋଇଥିଲା ।



ସାନ୍ତାଳ ବିଦ୍ରୋହକୁ ଭାଷାରେ ସନ୍ତାଳ ହୁଲ କୁହାଯାଏ । ଅଧୁନା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ପୂର୍ବ ଭାରତରେ ସାନ୍ତାଳମାନଙ୍କ ଦ୍ୱାରା ଉଭୟ ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀ (ବିଇଆଇସି) ଏବଂ ଜମିଦାରୀ ପ୍ରଥା ବିରୋଧରେ ହୋଇଥିବା ଏକ ବିଦ୍ରୋହ । ଏହି ବିଦ୍ରୋହରେ ନେତୃତ୍ୱ ନେଇଥିଲେ ଚାରି ଭାଇ ସିଦୋ, କାହ୍ନୁ, ଚାନ୍ଦ ଓ ଭୈରବ । ସେତେବେଳର ବେଙ୍ଗଲ ପ୍ରସିଡେନ୍ସି ନାମରେ ପରିଚିତ ଆଦିବାସୀ ଅଂଚଳରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ (ବିଆଇସି)ର ରାଜସ୍ୱ ବ୍ୟବସ୍ଥା, କରଜ ପ୍ରଥା ଏବଂ ଭାରତରେ ଜମିଦାରୀ ପ୍ରଥାର ଅନ୍ତ ଘଟାଇବା ପାଇଁ ସାନ୍ତାଳମାନେ ଇଂରେଜ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ । ସାନ୍ତାଳ ଆଦିବାସୀମାନେ ଜମି ଓ ଅର୍ଥନୈତିକ ସୁବିଧାର ପ୍ରତିଶୃତି ଯୋଗୁଁ ଧଳଭୂମ, ମନଭୂମ, ହଜାରିବାଗ, ମେଦିନୀପୁର ଆଦି ଅଂଚଳରୁ ବହୁ ସଂଖ୍ୟକ ସାନ୍ତାଳ ଏଠାକୁ ବସବାସ କରିବାକୁ ଆସିଥିଲେ । କିନ୍ତୁ ଅନେକ ସାନ୍ତାଳ ଏହି ଦୁର୍ନୀତିଗ୍ରସ୍ତ ଅର୍ଥ କର ପ୍ରଥାର ଶିକାର ହେଲେ । ସେମାନଙ୍କ ଜମିକୁ ଜବରଦସ୍ତ ନିଆଯାଇଥିଲା ଏବଂ ସେମାନେ ଦାଦନ ଶ୍ରମିକ ଭାବେ କାମ କରିବାକୁ ବାଧ ହୋଇଥିଲେ । ଏହିସବୁ କାରଣରୁ ସାନ୍ତାଳ ବିଦ୍ରୋହ ସୃଷ୍ଟି ହୋଇଥିଲା । ଏହି ବିଦ୍ରୋହରେ ନେତୃତ୍ୱ ନେଇଥିବା ଦୁଇ ଭାଇ ସିଦୋ ଏବଂ କାହ୍ନୁ ମୁର୍ମୁ । ୧୮୫୫ ମସିହା ଜୁନ୍ ୩୦ ତାରିଖ ଦିନ ପ୍ରାୟ ୬୦,୦୦୦ ସାନ୍ତାଳମାନଙ୍କୁ ଏକାଠି କରି ଇଷ୍ଟ ଇଂଡିଆ କମ୍ପାନୀ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସାନ୍ତାଳ ଏବଂ ଇଂରେଜ ମଧ୍ୟରେ ମହାସମର ଚାଲିଲା । ଅନେକ ସାନ୍ତାଳ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଟଳି ପଡ଼ିଥିଲେ । ତେଣୁ ଏହି ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜମାନେ ନଭେମ୍ବର ୧୦, ୧୮୫୫ରେ ସାମରିକ ଆଇନ ଲାଗୁ କରିଥିଲେ ଏବଂଜାନୁୟାରୀ ୩, ୧୮୫୬ରେ ସାମରିକ ଆଇନ୍‌କୁ ସ୍ଥଗିତ ରଖାଗଲା । ସାତମାସ ଧରି ଇଂରେଜ ଏବଂ ସାନ୍ତାଳ ମଧ୍ୟରେ ଚାଲିଥିବା ଏହି ବିରୁଦ୍ଧରେ ୧୫,୦୦୦ ରୁ ଅଧିକ ଲୋକ ନିହତ ହୋଇଥିଲେ ଏବଂ ଶତାଧିକ ଗାଁ ଧ୍ୱଂସ ହୋଇଥିଲା । କିନ୍ତୁ ବିଦ୍ରୋହ ସମୟରେ ସାନ୍ତାଳ ନେତାମାନେ ପ୍ରାୟ ୬୦,୦୦୦ ସାନ୍ତାଳଙ୍କୁ ଏକାଠି କରିବା ଏବଂ ୧୫୦୦ ରୁ ୨୦୦୦ ଗୋଷ୍ଠୀ ଗଠନ କରିବାରେ ସକ୍ଷମ ହୋଇଥିଲେ । ଏହି ବିଦ୍ରୋହରେ କେବଳ ସାନ୍ତାଳ ନୁହଁନ୍ତି ଅନେକ ଜାତିର ଆଦିବାସୀ ଏବଂ ଅଣ-ଆଦିବାସୀମାନେ ଏଥିରେ ସାମିଲ ରହିଥିଲେ । କିନ୍ତୁ ବିଦ୍ରୋହ ସମୟରେ ମୁର୍ଶିବାଦର ନବାବଙ୍କ ଦ୍ୱାରା ସାନ୍ତାଳମାନଙ୍କର କୁଟିଆ ଘରଗୁଡ଼ିକ ହାତୀମାନଙ୍କୁ ବ୍ୟବହାର କରି ଯେତେସବୁ ଘର ଭଙ୍ଗରୁଜା କରାଯାଉଥିଲା । ଜୁନ୍ ୩୦, ୧୮୫୫ରୁ ଫେବୃୟାରୀ ୧୮୫୬ ତଥା ଦୀର୍ଘ ଆଠ ମାସ ଧରି ଚାଲିଥିବା ଏହି ବିଦ୍ରୋହ ସମୟରେ ମହିଳା ନେତ୍ରୀ ଫୁଲ ମୁର୍ମୁଙ୍କୁ ନିର୍ମମ ଭାବେ ବଳାତ୍କାର ଓ ହତ୍ୟା କରି ତାଙ୍କ କ୍ଷତାକ୍ତ ମର ଶରୀରକୁ ରେଳ ଲାଇନ୍ କଡ଼ରେ ଫିଙ୍ଗା ଯାଇଥିଲା । ସାନ୍ତାଳ ମାନଙ୍କ ପ୍ରମୁଖ ନେତା ସିଦୋ-କାହ୍ନୁଙ୍କୁ ଗିରଫ କରିବା ପାଇଁ ଇଂରେଜ ସରକାର ୧୦ ହଜାର ଟଙ୍କାର ଏକ ପୁରସ୍କାର ରାଶି ଘୋଷଣା କରିଥିଲେ । ଶେଷରେ ୧୮୫୬ ଫେବୃୟାରୀ ପ୍ରଥମ ସପ୍ତାହରେ ଆନ୍ଦୋଳନର ପ୍ରମୁଖ ନେତା ସିଦୋ ମୁର୍ମୁଙ୍କୁ ବ୍ରିଟିଶମାନଙ୍କ ଗୁଳିରେ ପ୍ରାଣ ହରାଇଥିବା ବେଳେ ଏହାର ସପ୍ତାହକ ପରେ ଆନ୍ଦୋଳନର ପ୍ରମୁଖ ନେତା କାହ୍ନୁଙ୍କୁ ଜୀବନ୍ତ ଧରି ଗିରଫ କରିବାରେ ଇଂରେଜ ମାନେ ସଫଳ ହୋଇଥିଲେ । ଚାନ୍ଦ ଏବଂ ଭାଇରବଙ୍କୁ ନିର୍ମମ ଭାବେ ହତ୍ୟା କରି ଦିଆଗଲା । ଏହିପରି ଭାବରେ ସାନ୍ତାଳ ବିଦ୍ରୋହକୁ ଇଂରେଜମାନେ ଦମନ କରିବାରେ ସଫଳ ହୋଇଥିଲେ । କିନ୍ତୁ ଦେଶ ମାତୃକା ପାଇଁ ପ୍ରାଣ ବଳିଦାନ ଦେଇଥିବା ଚାରିଭାଇ ଓ ଦୁଇ ଭଉଣୀଙ୍କ ଭୂମିକା ଅବିସ୍ମରଣୀୟ । ଦେଶ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବିଦ୍ରୋହର ଯଦିବି ମାନ୍ୟତା ପାଇନାହିଁ, ତଥାପି ଦେଶ, ଜାତି ଓ ମାଟି ପାଇଁ ଯେଉଁ ତ୍ୟାଗ ଓ ବଳିଦାନ ଦେଇଛନ୍ତି ତାହା ଚିର ନମସ୍ୟ ।

*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,*
*ମୋ-୯୭୭୭୭୨୯୦୦୨*

# ୧୮୫୫-୫୬ ରେ ସାନ୍ତାଳ ହୁଲ୍

◆ ଦଶରଥ ହେମ୍ବ୍ରମ୍



◆ ଦଶରଥ ହେମ୍ବ୍ରମ୍

ଭାରତରେ ବସବାସ କରୁଥିବା ଆଦିବାସୀ ସମୁଦାୟ ଜାତି ମଧ୍ୟରୁ ତୃତୀୟ ସର୍ବବୃହତ ଜାତି ହେଉଛନ୍ତି ସାନ୍ତାଳ ଆଦିବାସୀ । ଏମାନେ ଖୁବ୍ ଶାନ୍ତ, ସରଳ, ଭଦ୍ର, ଓ ନମ୍ର ଶୋଭାବର ଲୋକ କିନ୍ତୁ ନିଜ ମା’ ମାଟି ଉପରେ ଯେତେବେଳେ ପ୍ରଶ୍ନ ଉଠେ ସେତେବେଳେ ସେମାନେ ବିଦ୍ରୋହ କରିବାକୁ ଆଗଭର ହୁଅନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଲା, ଯେତେବେଳେ ଇଂରେଜମାନେ ଭାରତକୁ ଆସି ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା କରି ଦେଶୀୟ ରାଜ୍ୟ/ପ୍ରଦେଶଗୁଡ଼ିକ ନିଜ ସାମାଜ୍ୟରେ ମିଶାଇ ମନମୁଖୀ ଶାସନ କଲେ ଏବଂ ସାନ୍ତାଳମାନଙ୍କ ମଧ୍ୟରେ ବିଦ୍ରୋହ ହୋଇଥିଲା । ଭାରତକୁ ଇଂରେଜ ମୁକ୍ତ ଶାସନ କରିବା ପାଇଁ ସାନ୍ତାଳ ଆଦିବାସୀମାନେ ଯେଉଁ ସଂଗ୍ରମ ଚଳାଇଥିଲେ ତାହା ଭାରତରେ ଅବିସ୍ମରଣୀୟ ହୋଇ ରହିବ । ଇଂରେଜ ଉପନିବେଶବାଦ ବିରୋଧ କରି ସାନ୍ତାଳ ଆଦିବାସୀମାନେ ୧୮୫୫ ମସିହା ଜୁନ୍ ୩୦ ତାରିଖରେ ଆଦିବାସୀ ମହିମେଳା ହୋଇଥିଲା । ଏହି ଦିନ ଆଦିବାସୀଙ୍କର ଗୁରୁତ୍ୱପୂର୍ଣ୍ଣ ଦିବସ ମଧ୍ୟ କୁହାଯିବ । ଏହା ଭାରତୀୟ ଇତିହାସରେ ତାହା ‘ହୁଲ୍ ଦିବସ’ ରୂପେ ପରିଚିତ । ୧୮୫୫ ମସିହାରେ ବଙ୍ଗଳା ଓ ଝାଡ଼ଖଣ୍ଡର ସୀମାରେ ଥିବା ସାନ୍ତାଳ ପ୍ରଗଣା ଅଂଚଳର ରାଜମହଲ ପାର୍ବତ୍ୟାଂଚଳରେ ବସବାସ କରୁଥିବା ସାନ୍ତାଳ ଜନଜାତିର ଲୋକମାନଙ୍କ ଦ୍ୱାରା ଏହି ଐତିହାସିକ ବିଦ୍ରୋହ । ସେତେବେଳେ ଲୋର୍ଡ ଡେଲହାଉସୀ ଭାରତର ଗଭର୍ଣ୍ଣନ ଜେନେରାଲ ଥିଲେ ।

ସାନ୍ତାଳମାନଙ୍କୁ ଜମି ଓ ଅର୍ଥନୈତିକ ସୁବିଧାର ପ୍ରତିଶୃତି ପାଇବା ପରେ ଧଳଭୂମ, ମନଭୂମ, ଜହାରିବାଗ, ମେଦିନୀପୁର ଆଦି ଅଂଚଳରୁ ବହୁ ସଂଖ୍ୟକ ସାନ୍ତାଳ ଏଠାକୁ ବସବାସ କରିବାକୁ ଆସିଥିଲେ । କିନ୍ତୁ ସେମାନଙ୍କୁ ଗୋତି ଶ୍ରମିକ ଭାବେ ରଖି ଜମିଦାରମାନେ ତାଙ୍କର ଶ୍ରମକୁ ଲୁଟୁଥିଲେ । ସୁଧଖୋର ମହାଜନମାନେ ଋଣଗ୍ରସ୍ତ କରିବା ସହ ଚଡ଼ା ସୁଧ ଆଦାୟ କରି ଆଦିବାସୀଙ୍କ ଜମିକୁ ବିଭିନ୍ନ ଆଳରେ ବଳପୂର୍ବକ ଛଡ଼େଇ ନେଲେ । ଯଦି କେହି ଏହା ବିରୁଦ୍ଧରେ ସ୍ୱର ଉତୋଳନ କଲେ, ତାହେଲେ ଜମିଦାରମାନେ ନିଜର ଗୁଣ୍ଡା ଏବଂ ବ୍ରିଟିଶ ପୋଲିସ ଲଗାଇ ସେମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ଦମନ ନୀତି ପ୍ରୟୋଗ କରାଗଲା । ଏହି ସମୟରେ ଇଂରେଜମାନେ ପ୍ରଥମ ଥର ପାଇଁ ରେଳ ଲାଇନ୍ ବିଛାଇବା କାମ ଆରମ୍ଭ କରିଥିଲେ । ଏଥିରେ ଆଦିବାସୀମାନଙ୍କ ବହୁ ଉର୍ବର ଚାଷଜମି ସବୁ ଚାଲିଗଲା, ଯାହାକି ସେମାନଙ୍କ ଭିତରେ ଭୟଙ୍କର ଅସନ୍ତୋଷ ସୃଷ୍ଟିକଲା । କିନ୍ତୁ ଜମି ବାବଦକୁ ଇଂରେଜ ସରକାର ଟଙ୍କାଟିଏ ବି ଆଦିବାସୀଙ୍କୁ ଦେଲେ ନାହିଁ । ଯଦିବି ଏନେଇ ମାଲିମକର୍ଦ୍ଦମା କୋର୍ଟ କଚେରୀରେ କରିଲେ, ନ୍ୟାୟ ବଦଳରେ ଅନ୍ୟାୟ ପାଇଲେ । ଏହିସବୁ କାରଣରୁ ଇଂରେଜ ବିରୋଧ ଆନ୍ଦୋଳନ ଅଭିଯାନରେ ଆଦିବାସୀଙ୍କ ସହ ସ୍ଥାନୀୟ ଅଣ-ଆଦିବାସୀ ସମ୍ପ୍ରଦାୟର ବହୁ ସଂଖ୍ୟା ଗରିବ ଲୋକମାନେ ଯୋଗଦେଲେ । ସମସ୍ତେ ସର୍ବସମ୍ମତ ଭାବେ ଚାରି ଭାଇଙ୍କ ମଧ୍ୟରୁ ସିଦୋ ଏବଂ କାନୁଙ୍କୁ ହିଁ ନିଜର ନେତା ରୂପେ ବାଛିଲେ । ସେଦିନ ଥିଲା, ୩୦ ଜୁନ୍, ୧୮୫୫ ଏବଂ ନିଷ୍ପତି ନେଲେ ଯେ କଲିକତାରେ ଥିବା ବ୍ରିଟିଶମାନଙ୍କ ବଡ଼ ଅଧିକାରୀ ବା ବଡ଼ଲାଟଙ୍କ ପାଖକୁ ଯାଇ ଗୁହାରୀ କଲେ, ହୁଏତ ଦୁଃଖ ଦୂର ହୋଇଯିବ । ତେଣୁ ବଡ଼ଲାଟଙ୍କୁ ଭେଟିବା ପାଇଁ କଲିକତାକୁ ପଦଯାତ୍ରାରେ ଯିବାକୁ ସ୍ଥିର କରିଥିଲେ । ଭାଗନାଡ଼ିହିଠାରେ ଆଦିବାସୀମାନଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇ ପଦଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ ଇଂରେଜ ଅଧିକାରୀମାନେ ସିଦୋ-କାହ୍ନୁଙ୍କ ନେତୃତ୍ୱରେ ଆଦିବାସୀଙ୍କ ଏହି ପଦଯାତ୍ରାକୁ ଅଟକାଇବାକୁ ଅଧିକ ପୋଲିସ ଆଣି ମୁତୟନ କରିବା ସହ ଆନ୍ଦୋଳନର ମୁଖ୍ୟ ନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଥିଲେ । ଏଥର ସିଦୋ-କାହ୍ନୁଙ୍କ ସମେତ ଆନ୍ଦୋଳନକାରୀମାନେ ସ୍ପଷ୍ଟ ରୂପେ ବୁଝିଗଲେ ଯେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରାରେ କଲିକତା ଯାଇ ନିଜର ଦାବୀ ଜଣାଇବାକୁ ବ୍ରିଟିଶ ବଡ଼ଲାଟ ବୋଧହୁଏ ଚାହୁଁନାହାନ୍ତି । ଅତଏବ ଆଉ ଗୁହାରୀ ଜରିଆରେ ନୁହେଁ, ବରଂ ବିଦ୍ରୋହ ହିଁ ଏକମାତ୍ର ରାସ୍ତା ବୋଲି ସେମାନେ ବୁଝିଯିବା ପରେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧାରଣ କରିଲେ । ଅନେକ ଗ୍ରାମର ଜମିଦାର, କରଜ ଦେଉଥିବା ମହାଜନ/ସାହୁକାରମାନଙ୍କୁ ହତ୍ୟା କରିଦେଲେ । ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜ ସରକାର ପ୍ରଥମେ ଅଳ୍ପ ସଂଖ୍ୟକ ସୈନ୍ୟଦଳ ପଠାଗଲା କିନ୍ତୁ ଏହା ଅକୃତକାର୍ଯ୍ୟ ହେବାରୁ ସାନ୍ତାଳ ବିଦ୍ରୋହୀମାନେ ଅଧିକ ଉତ୍ସାହିତ ହେଲେ । ଆଇନ-ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବିଚାର ବିମର୍ଶ କରି ଇଂରେଜମାନେ ବିରାଟ ପଦକ୍ଷେପ ନେଇଥିଲେ । ବିଦ୍ରୋହ ପ୍ରଭାବିତ ଅଂଚଳକୁ ବହୁ ସଂଖ୍ୟକ ସୈନିକଦଳ ପଠାଗଲା ଯାହା ସ୍ଥାନୀୟ ଜମିଦାର ଓ ମୁର୍ଶିବାଦର ନବାବଙ୍କ ଦ୍ୱାରା ସାନ୍ତାଳ ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜମାନେ ସାହାଯ୍ୟ ପାଇଥିଲେ । ସାନ୍ତାଳମାନଙ୍କର କୁଟିଆ ଘରଗୁଡ଼ିକ ଭାଙ୍ଗିବା ପାଇଁ ନବାବଙ୍କଦ୍ୱାରା ଯୋଗାଇଦେଇଥିବା ହାତୀମାନଙ୍କୁ ବ୍ୟବହାର କରାଯାଉଥିଲା । ସିଦୋ ଓ ତାଙ୍କ ଭାଇ କାହ୍ନୁ ମୁର୍ମୁଙ୍କୁ ଗିରଫ କରିବା ପାଇଁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ଏହାପରେ ଅନେକ ସଂଘର୍ଷ ହୋଇ ସାନ୍ତାଳ ବାହିନୀର ବହୁ ସଂଖ୍ୟାରେ କ୍ଷୟକ୍ଷତି ହୋଇଥିଲା । ସାନ୍ତାଳମାନଙ୍କର ଆଦିମ ଅସ୍ତ୍ରଶସ୍ତ୍ର ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସେନାର ବାରୁଦ ଅସ୍ତ୍ରଶସ୍ତ୍ର ସହ ତାଳ ଦେଇ ପାରି ନଥିଲା । କମ୍ପାନୀ ସପ୍ତମ ନେଟିଭ ଇନଫ୍ୟାଂଟ୍ରି ରେଜିମେଂଟ, ୪୦ ତମ ନେଟିଭ ଇନଫ୍ୟାଂଟ୍ରି ରେଜିମେଂଟ ଏବଂ ଅନ୍ୟମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା । ୧୮୫୫ ଜୁଲାଇରୁ ଜାନୁୟାରୀ ୧୮୫୬ ପର୍ଯ୍ୟନ୍ତ ଲହଲଗାଁ, ସୁରି, ରଘୁନାଥପୁର ଓ ମୁଙ୍କତୋରା ଆଦି ସ୍ଥାନରେ ବଡ଼ ଧରଣର ସଂଘର୍ଷ ହୋଇଥିଲା । ଶେଷରେ ସିଦୋ ଏବଂ କାହ୍ନୁ ମୁର୍ମୁ ଯୁଦ୍ଧରେ ନିହତ ହେବା ପରେ କମ୍ପାନୀ ବିଦ୍ରୋହକୁ ଦମନ କରିଥିଲା । ଏହି ଯୁଦ୍ଧରେ ୧୫,୦୦୦ରୁ ଅଧିକ ଲୋକ ନିହତ ହୋଇଥିଲେ, ଶତାଧିକ ସାନ୍ତାଳ ନେତାମାନେ ପ୍ରାୟ ୬୦,୦୦୦ ସାନ୍ତାଳଙ୍କୁ ଏକାଠି କରିବାରେ ସକ୍ଷମ ହୋଇଥିଲେ ଏବଂ ୧୫୦୦ରୁ ୨୦୦୦ ଗୋଷ୍ଠୀ ଗଠନ କରିଥିଲେ । ଏହି ବିଦ୍ରୋହକୁ ଆଦିବାସୀ ସମୁଦାୟ ସହ ଗୋପାଳ ଏବଂ ଲୋହାର ଆଦି ଅଣ-ଆଦିବାସୀମାନେ ଖବର ଏବଂ ଅସ୍ତ୍ର ଯୋଗାଇବା ସମର୍ଥନ କରିଥିଲେ । ତେବେ ଜୁନ୍ ୩୦,୧୮୫୫ରୁ ଫେବୃୟାରୀ ୧୮୫୬ ତଥା ଦୀର୍ଘ ଆଠ ମାସ ଧରି ଚାଲିଥିବା ଏହି ବିଦ୍ରୋହ ସମୟରେ ମହିଳା ନେତ୍ରୀ ଫୁଲମୁର୍ମୁଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ବଳତ୍କାର ଓ ହତ୍ୟା କରି ତାଙ୍କ କ୍ଷତାକ୍ତ ମର ଶରୀରକୁ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇ ଥିଲେ । ସିଦୋ-କାହ୍ନୁଙ୍କୁ ଗିରଫ କରିବା ପାଇଁ ଇଂରେଜ ସରକାର ୧୦ ହଜାର ଟଙ୍କାର ଏକ ପୁରସ୍କାର ରାଶି ଘୋଷଣା କରିଥିଲା । ଶେଷରେ ୧୮୫୬ ଫେବୃୟାରୀ ପ୍ରଥମ ସପ୍ତାହରେ ଆନ୍ଦୋଳନର ପ୍ରମୁଖ ନେତା ସିଦୋ ମୁର୍ମୁଙ୍କୁ ବ୍ରିଟିଶ୍‌ମାନଙ୍କ ଗୁଳିରେ ପ୍ରାଣ ହରାଇଥିବା ବେଳେ ଏହାର ସପ୍ତାହକ ପରେ ଅନ୍ୟତମ ନେତା କାହ୍ନୁଙ୍କୁ ଜୀବନ୍ତ ଧରି ଗିରଫ କରିବାରେ ଇଂରେଜ ମାନେ ସଫଳ ହୋଇଥିଲେ । ଏଭଳି ଭାବେ ସାନ୍ତାଳ ମହା ବିଦ୍ରୋହର ଯବନିକା ଇଂରେଜ ମାନେ ଦମନ କରିବାରେ ସକ୍ଷମ ହୋଇଥିଲେ ।

*ଦୁର୍ନୀତି ନିବାରଣ ଅଧିକାରୀ,*
*ବାଲେଶ୍ୱର,*
*ମୋ-୯୩୩୭୪୦୪୨୫୪*

# ଉପସାଗରୀୟ ସଂଘର୍ଷର ଆର୍ଥିକ ପ୍ରଭାବ ମଧ୍ୟରେ ସ୍ଥିର ଓ ଦୃଢ଼ ଭାରତ


ଭି. ଅନନ୍ତ ନାଗେଶ୍ୱରନ

ଫେବୃଆରୀ ଶେଷ ଆଡ଼କୁ ଯେତେବେଳେ ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଗଲା-ଯେଉଁ ମାର୍ଗ ଦେଇ ବିଶ୍ୱର ପ୍ରାୟ ଏକ-ପଂଚମାଂଶ ତେଲ ଏବଂ ଭାରତର ଅଧିକାଂଶ ଅଶୋଧିତ ତେଲ ଓ ରନ୍ଧନ ଗ୍ୟାସ ପରିବହନ ହୋଇଥାଏ-ସେତେବେଳେ ଭାରତ ପାଇଁ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଜଣାପଡୁଥିଲା। ଏଭଳି ଏକ ଦେଶ, ଯିଏ ନିଜର ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତେଲ ଏବଂ ଅର୍ଦ୍ଧେକରୁ ଅଧିକ ରନ୍ଧନ ଗ୍ୟାସ ଉପସାଗରୀୟ ଅଂଚଳରୁ ଆମଦାନୀ କରିଥାଏ, ସେଠାରେ ପୁସ୍ତକୀୟ ନିୟମ ଅନୁସାରେ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ, ଶୂନ୍ୟ ରୋଷେଇ ଘର, ଟଙ୍କାର ମୂଲ୍ୟ ହ୍ରାସ ଏବଂ ଡଲାର ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ ଥିଲା। କିନ୍ତୁ ପ୍ରାୟ ଚାରି ମାସ ପରେ, ଯେତେବେଳେ ହର୍ମୁଜ୍ ପ୍ରଣାଳୀ ପୁଣି ଖୋଲିଛି ଏବଂ ଅଶୋଧିତ ତେଲର ମୂଲ୍ୟ ସଙ୍କଟ ପୂର୍ବ ସ୍ଥିତିକୁ ଫେରିଆସିଛି, ସେତେବେଳେ ଏଭଳି କୌଣସି ବିପର୍ଯ୍ୟୟ ଦେଖିବାକୁ ମିଳିନାହିଁ। ଦେଶର ଗୋଟିଏ ହେଲେ ବି ଖୁଚୁରା ପେଟ୍ରୋଲ ପମ୍ପ ଶୁଖିଲା ପଡ଼ିନାହିଁ କିମ୍ବା ରନ୍ଧନ ଗ୍ୟାସ ସିଲିଣ୍ଡର ଚାହୁଁଥିବା ପ୍ରତ୍ୟେକ ପରିବାର ନିରାଶ ହୋଇନାହାନ୍ତି। ଭାରତକୁ ନା ୧୯୯୧ ଭଳି ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିଲା, ନା ୨୦୧୩ ଭଳି ପରିସ୍ଥିତିର। ଦେଶର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ସମ୍ପୂର୍ଣ୍ଣ ଭାବେ ବଜାୟ ରହିଥିଲା। ଏହା କୌଣସି ଆକସ୍ମିକ ଘଟଣା ନଥିଲା କିମ୍ବା କେବଳ ଭାଗ୍ୟର ସହଯୋଗ ନଥିଲା। ଏହା ଥିଲା ସେହି ସରକାରଙ୍କ କାର୍ଯ୍ୟଦକ୍ଷତା, ଯିଏ ମହାମାରୀ ସମୟ ଭଳି ଏଥର ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲେ-ଅର୍ଥାତ କୌଣସି ଗୋଟିଏ ନାଟକୀୟ ପଦକ୍ଷେପ ନେବା ପରିବର୍ତ୍ତେ ଅତି ଚିନ୍ତାଶୀଳ ଓ କ୍ରମାଗତ ଭାବରେ ଗୋଟିଏ ପରେ ଗୋଟିଏ ସୁରକ୍ଷାତ୍ମକ ବ୍ୟବସ୍ଥା ପ୍ରସ୍ତୁତ କରିଚାଲିଲେ। ସରକାରଙ୍କ ପ୍ରଥମ ପ୍ରାଥମିକତା ଥିଲା ପ୍ରତ୍ୟେକ ପରିବାର। ଏହି ସଂପୂର୍ଣ୍ଣ ସମୟ ମଧ୍ୟରେ ଦେଶର ଗୋଟିଏ ହେଲେ ବି ଖୁଚୁରା ବିକ୍ରୟ କେନ୍ଦ୍ରରେ ସାମଗ୍ରୀର ଅଭାବ ଦେଖାଦେଇ ନଥିଲା ଏବଂ ପ୍ରତ୍ୟେକ ରୋଷେଇ ଘରକୁ ସିଲିଣ୍ଡର ମିଳିପାରିଥିଲା। ଆମଦାନୀ ଜନିତ ଖର୍ଚ୍ଚ ବୃଦ୍ଧି ହେତୁ ଏକ ୧୪.୨ କିଲୋଗ୍ରାମ ରନ୍ଧନ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୧,୬୦୦ ଟଙ୍କାରୁ ଅଧିକ ହୋଇଯାଇଥିଲେ ମଧ୍ୟ ସାଧାରଣ ଗ୍ରାହକଙ୍କ ପାଇଁ ଏହାର ମୂଲ୍ୟ ପ୍ରାୟ ୯୦୦ ଟଙ୍କା ପାଖାପାଖି ସୀମିତ ରଖାଯାଇଥିଲା ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଏହା ଆହୁରି କମ୍ ଥିଲା। ମହାମାରୀର ପ୍ରାରମ୍ଭିକ ମାସଗୁଡ଼ିକର ସେହି ସ୍ମୃତି ସରକାରଙ୍କ ପାଇଁ ଏକ ବଡ଼ ଶିକ୍ଷା ଥିଲା, ଯେତେବେଳେ ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯିବା ଫଳରେ ସେମାନେ ବହୁ ସଂଖ୍ୟାରେ ନିଜ ଗାଁ ଅଭିମୁଖେ ଫେରିବାକୁ ବାଧ୍ୟ ହୋଇଥିଲେ। ତେଣୁ, ଚଳିତ ସଙ୍କଟ ସମୟରେ ଘରୋଇ ଉପଭୋକ୍ତାମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ବ୍ୟବସାୟିକ ତଥା ବୃହତ ବ୍ୟବହାରକାରୀମାନଙ୍କୁ କିଛି ମାତ୍ରାରେ ସାଧାରଣ ସ୍ଥିତି ସହିତ ବୁଝାମଣା କରିବାକୁ କୁହାଯାଇଥିଲା। ବ୍ୟାପକ ଅର୍ଥନୀତିକୁ ଶକ୍ତି ଯୋଗାଉଥିବା ଇନ୍ଧନ ଉପରେ ସରକାର ଏହାକୁ ହସ୍ତାନ୍ତର କରିବା ପରିବର୍ତ୍ତେ ଏଭଳି ଚାଲେଞ୍ଜକୁ ଗ୍ରହଣ କରିବାକୁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ଫଳରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ପ୍ରତି ଲିଟର ଦଶ ଟଙ୍କା ହ୍ରାସ କରାଯାଇଥିଲା, ପ୍ରାୟ ୧.୭ ଲକ୍ଷ କୋଟି ରାଜସ୍ୱ ଛାଡ଼ କରାଯାଇଥିଲା ଏବଂ ବିମାନ ଇନ୍ଧନ ଉପରେ ଚାପ ମଧ୍ୟ କମ ହୋଇଥିଲା। ତା'ପରେ ମାର୍କେଟିଂ କମ୍ପାନୀଗୁଡ଼ିକ ଏକ ନିୟନ୍ତ୍ରିତ ସଂଶୋଧନ ପୂର୍ବରୁ ପେଟ୍ରୋଲ୍ ପମ୍ପ ମୂଲ୍ୟକୁ ଦୁଇ ମାସରୁ ଅଧିକ ସମୟ ପାଇଁ ସ୍ଥିର ରଖିଥିଲେ। ଏହି ଯୁକ୍ତି ସ୍ପଷ୍ଟ ଭାବରେ ସୂଚାଇଥିଲା: ଏପରି ଅନିଶ୍ଚିତତା ସମୟରେ, କେବଳ ସରକାରଙ୍କ ପାଖରେ ବିପଦ ବହନ କରିବା ପାଇଁ ବାଲାନ୍ସ ସିଟ୍ ଏବଂ ସମୟ ସୀମା ଅଛି ଏବଂ ସରକାର ପରିବାର ଓ ଫାର୍ମଗୁଡ଼ିକ ବଦଳରେ ଆର୍ଥିକ ଆକାଉଂଟ ଉପରେ ପ୍ରଭାବକୁ ଗ୍ରହଣ କରିବା ପନ୍ଥା ଚୟନ କରିଛନ୍ତି। ବିମାନ କମ୍ପାନୀଗୁଡ଼ିକ ପାଇଁ ସ୍ୱତନ୍ତ୍ର ସମର୍ଥନ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ଏକ କ୍ରେଡିଟ୍- ଗ୍ୟାରେଂଟି ଯୋଜନା ଲକ୍ଷ୍ୟଭେଦୀ ଏବଂ ପ୍ରଭାବଶାଳୀ ହସ୍ତକ୍ଷେପର କୋଭିଡ୍-ଯୁଗ ଟେମ୍ପଲେଟ୍ ଅନୁସରଣ କରାଯାଇଥିଲା। ମୂଲ୍ୟ ବୃଦ୍ଧି ପଛରେ ଯୋଗାଣର ଏକ ବାସ୍ତବ ସୁରକ୍ଷା କବଚ ରହିଛି। ଘରୋଇ ରିଫାଇନର୍ସମାନେ ଗୋଟିଏ ସପ୍ତାହ ମଧ୍ୟରେ ରନ୍ଧନ- ଗ୍ୟାସ୍ ଉତ୍ପାଦନକୁ ଅର୍ଦ୍ଧାଧିକ ବୃଦ୍ଧି କରିଥିଲେ, ଯାହା ଫଳରେ ଆମଦାନୀ ହରାଇଥିବା ଜିନିଷଗୁଡ଼ିକୁ ବହୁଳ ଭାବରେ ବଦଳି ଯାଇଥିଲା। ଭାରତ ତୁରନ୍ତ ଏହାର ଉତ୍ସଗୁଡ଼ିକୁ ବିସ୍ତାର କରିଥିଲା, ଯୁକ୍ତରାଷ୍ଟ୍ର ଏବଂ ରୁଷରୁ କ୍ରୟକୁ ବ୍ୟାପକ କରିଥିଲା ଏବଂ ନୂତନ ଯୋଗାଣକାରୀମାନଙ୍କୁ ଏହା ସହିତ ଯୋଡିଥିଲା, ଯାହା ଫଳରେ ହର୍ମୁଜ ପ୍ରଣାଳୀ ଦେଇ କମ୍ ଇନ୍ଧନ ଆସିଲା ଏବଂ ରୁଷୀୟ ଅଶୋଧିତ ତେଲ କିଣା ଜାରି ରଖିବା ପାଇଁ ଆବଶ୍ୟକ ଛାଡ଼ ସୁରକ୍ଷିତ କରିଥିଲା। ସରକାର ଦୀର୍ଘକାଳୀନ ପଦକ୍ଷେପଗୁଡ଼ିକୁ ମଧ୍ୟ ଗୁରୁତ୍ୱର ସହ କାର୍ଯ୍ୟକାରୀ କରିଥିଲେ: ପରିବାରଗୁଡ଼ିକୁ ଘରୋଇ ସିଲିଣ୍ଡରରୁ ପାଇପ୍ ଗ୍ୟାସ ଯୋଗାଣରେ ପରିଣତ କରିବା, ଏକ କୋଇଲା ଗ୍ୟାସିଫିକେସନ୍ କାର୍ଯ୍ୟକ୍ରମ, ଇଥାନଲ୍ ମିଶ୍ରଣ ଉପରେ ଆହୁରି ଜୋର ଦେବା ଏବଂ ପ୍ରଧାନମନ୍ତ୍ରୀଙ୍କ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ ଅବସରରେ ରାଜି ହୋଇଥିବା ରଣନୈତିକ ଅଶୋଧିତ ତେଲ ସଂରକ୍ଷଣ ଏଥିରେ ସହାୟକ ହୋଇଥିଲା। ଫଳରେ ହର୍ମୁଜ ଟ୍ରାଫିକ୍ ହ୍ରାସ ପାଇଥିଲେ ମଧ୍ୟ ଭାରତ ଏହାର କାର୍ଗୋଗୁଡ଼ିକୁ ଗତିଶୀଳ ରଖିଥିବା କିଛି ରାଷ୍ଟ୍ର ମଧ୍ୟରେ ଥିଲା। ବାହ୍ୟ ଆକାଉଂଟଗୁଡ଼ିକୁ ସମାନ ଧୈର୍ଯ୍ୟର ସହିତ ପରିଚାଳିତ କରାଯାଇଥିଲା। ସରକାର ସରକାରୀ ଋଣର ବିଦେଶୀ ସଂସ୍ଥାଗତ କ୍ରୟ ଉପରେ ରୋଗ ଏବଂ ପୁଞ୍ଜି ଲାଭ ଟିକସ ହଟାଇ ଦେଇଥିଲେ ଏବଂ ସମ୍ପୂର୍ଣ୍ଣ ପ୍ରବେଶଯୋଗ୍ୟ ମାର୍ଗ ଅଧୀନରେ ଖୋଲା ଥିବା ସିକ୍ୟୁରିଟିଗୁଡ଼ିକୁ ବ୍ୟାପକ କରିଥିଲେ ଏବଂ ବଣ୍ଡ୍ ବଜାରକୁ ଟଙ୍କା ଉଠାଇଥିଲେ। ଏକ ନୂତନ ଅଣ-ନିବାସୀ ଡଲାର ଜମା ଯୋଜନା ମାଧ୍ୟମରେ ବିପୁଳ ପରିମାଣର ଡଲାର ଆଣିବାର ଆଶା କରାଯାଉଛି। ବର୍ଷ ବର୍ଷ ଧରି ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସେମାନଙ୍କର କାର୍ଯ୍ୟ ନିରବରେ ଆରମ୍ଭ କରିଥିଲା: ଏପ୍ରିଲ ଏବଂ ମେ ୨୦୨୬ରେ ଅଣ-ତେଲ, ଅଣ-ରତ୍ନପଥର-ଏବଂ-ଅଳଙ୍କାର ସାମଗ୍ରୀ ଏବଂ ସେବାଗୁଡ଼ିକର ରପ୍ତାନି ବର୍ଷେ ପୂର୍ବର ସମାନ ଅବଧି ତୁଳନାରେ ୧୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଶିରୋନାମା ସଂଖ୍ୟାଗୁଡ଼ିକ ମଧ୍ୟ ଆଶ୍ୱସ୍ତି ଆଣିଥିଲା। ଗତ ଆର୍ଥିକ ବର୍ଷରେ ମୋଟ ପ୍ରତ୍ୟକ୍ଷ ବିଦେଶୀ ନିବେଶ ପଂଚାନବେ ବିଲିୟନ ଡଲାରରେ ପହଂଚିଛି, ଯାହା ମହାମାରୀ ପରବର୍ତ୍ତୀ ବର୍ଷର ସତୁରିରୁ ଅଶୀ ବିଲିୟନ ଡଲାର ରେକର୍ଡକୁ ତୁଟାଇ ଦେଇଛି। ଆର୍ଥିକ ବର୍ଷ ୨୦୨୬ରେ ଚଳନ୍ତି ଆକାଉଂଟ ନିଅଂଟ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ର ମାତ୍ର ୦.୬ ପ୍ରତିଶତ ଥିଲା ଏବଂ ବର୍ତ୍ତମାନ ଏହା ୨୦୨୭ ଆର୍ଥିକ ବର୍ଷରେ କେବଳ ସାମାନ୍ୟ ଅଧିକ ହେବ ବୋଲି ଆଶା କରାଯାଉଛି। ସତ କହିଲେ, ଏହା ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଆମକୁ ଭାଗ୍ୟଦେବୀ ମଧ୍ୟ ସହାୟକ ହୋଇଥିଲେ। ଉପସାଗରୀୟ କ୍ଷେତ୍ରରୁ ଇନ୍ଧନ ଆମଦାନୀ ବନ୍ଦ ହେବାର କିଛି ସପ୍ତାହ ମଧ୍ୟରେ ଅଶୋଧିତ ବଜାରରେ ତୈଳ ଦର ଏକ ଶହ କୋଡ଼ିଏ ଡଲାର ଅତିକ୍ରମ କରିଥିଲା, କିନ୍ତୁ ମେ ମାସରୁ, ଚୀନର ତୈଳ କ୍ରୟରେ ହ୍ରାସ ଏବଂ ଯୁକ୍ତରାଷ୍ଟ୍ର ରିଜର୍ଭରୁ ସ୍ଥିର ମୁକ୍ତି ଏହାକୁ ଏକ ଶହ ଡଲାର ତଳକୁ ଖସାଇ ଆଣିଥିଲା ଏବଂ ଚୀନର ସାର ରପ୍ତାନି ପୁନଃଆରମ୍ଭ ବଜେଟକୁ ଏକ ବଡ଼ ସଂକଟରୁ ରକ୍ଷା କରିଥିଲା। ଯଦି ସଂଘର୍ଷ ଜାରି ରହେ, କିମ୍ବା ତେଲ ଦର ବ୍ୟାରେଲ ପିଛା ୧୨୦ ଡଲାର ପାଖାପାଖି ସ୍ଥିର ହୋଇଯାଏ, ତେବେ ଦୃଶ୍ୟପଟ୍ଟ କମ୍ ଆରାମଦାୟକ ଅନୁଭବ ହେବ; ସୁଦୃଢ଼ ନୀତି ଏବଂ ସୁଯୋଗ ଉଭୟ ସେମାନଙ୍କର ଭୂମିକା ନିର୍ବାହ କରିଛନ୍ତି। ବାସ୍ତବପକ୍ଷେ, ଭାଗ୍ୟ ସଦାବେଳେ ସୁଦୃଢ଼ ନୀତି ନିର୍ମାତାଙ୍କୁ ସମର୍ଥନ କରେ। ଆଗାମୀ ସଂଶୋଧନର ଏକ ସଙ୍କେତ ସ୍ୱରୂପ, ଗୋଲ୍ଡମ୍ୟାନ୍ ସାକ୍ସ ସମ୍ପ୍ରତି ଭାରତ ପାଇଁ ଆର୍ଥିକ ବର୍ଷ ୨୦୨୬ ପାଇଁ ୬.୮% ଏବଂ ଆର୍ଥିକ ବର୍ଷ ୨୦୨୭ ପାଇଁ ୬.୫% ଅଭିବୃଦ୍ଧିର ପୂର୍ବାନୁମାନକୁ ଉନ୍ନତ କରିଛି, ଉଭୟ ପୂର୍ବାନୁମାନ ତୁଳନାରେ ୩୦ ବି.ପି. ବୃଦ୍ଧି ପାଇଛି। ତଥାପି, ମଧ୍ୟମ ଅବଧି କୌଣସି ଆତ୍ମସନ୍ତୋଷକୁ ପ୍ରଶ୍ରୟ ଦିଏ ନାହିଁ। ଖଣ୍ଡିତ ମେଂଟ, ଅସ୍ତ୍ରସଜ୍ଜିତ ଯୋଗାଣ ଶୃଙ୍ଖଳ ଏବଂ ପୁଞ୍ଜି ଯାହା ଇଚ୍ଛାନୁସାରେ ଚାଲୁ ଏବଂ ବନ୍ଦ୍ କରାଯାଇପାରିବ, ତାହା ବିଶ୍ୱରେ, ଦେୟ ସନ୍ତୁଳନ ଉପରେ ଚାପ ପକାଇପାରେ ଏବଂ ଏହାକୁ ବିପଦରେ ପକାଇଥିବା ସଂଘର୍ଷକୁ ମଧ୍ୟ ପଛକୁ ଠେଲି ଦେଇପାରେ। ଭାରତକୁ ବିଦେଶୀ ପ୍ରତ୍ୟକ୍ଷ ନିବେଶକୁ ଆକର୍ଷିତ କରିବା ପାଇଁ ଏକ ସୁଉଚ୍ଚ ପ୍ରିମିୟମ୍ ରଖିବାକୁ ପଡିବ। ଏକ ସନ୍ତୁଳିତ ଦ୍ୱିପାକ୍ଷିକ ନିବେଶ ଚୁକ୍ତି ଢାଂଚା, ଟିକସ ନୀତିରେ ନିଶ୍ଚିତତା, ରାଜ୍ୟ ସରକାରଗୁଡ଼ିକ ଚୁକ୍ତିନାମାର ଅଖଣ୍ଡତାକୁ ସମ୍ମାନ ଦେବା, ନିର୍ଭରଯୋଗ୍ୟ ଲଜିଷ୍ଟିକ୍ସ ଏବଂ ଏକକ-ମାର୍ଗରେ କ୍ଲିୟରାନ୍ସ ଯାହା ପ୍ରକୃତରେ ସ୍ୱଷ୍ଟ, ବର୍ତ୍ତମାନ ସେମାନଙ୍କର ବାଜି ବିସ୍ତାର କରିବାକୁ ପ୍ରତ୍ୟାଶା ରଖିଥିବା ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଆକର୍ଷିତ କରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆମଦାନୀ ନିର୍ଭରଶୀଳତା, ଯାହା କେବଳ ଶକ୍ତି କ୍ଷେତ୍ର ମଧ୍ୟରେ ସୀମିତ ନୁହେଁ। ବାଣିଜ୍ୟିକ ସାମଗ୍ରୀ ନିଅଂଟ ଜାତୀୟ ଆୟର ପ୍ରାୟ ଆଠ ପ୍ରତିଶତରେ ଚାଲୁଛି। ସେଥିରୁ ତେଲକୁ ବାଦ ଦିଅନ୍ତୁ, ଏବଂ ଏହା ପାଂଚ ପ୍ରତିଶତ ମାତ୍ର। ତେଲ ଏବଂ ସୁନାକୁ ବାଦ୍ ଦିଅନ୍ତୁ, ଏବଂ ଏହା ଏବେ ବି ସାଢ଼େ ତିନିରୁ ଅଧିକ ହେବନାହିଁ। ତୁଳନାତ୍ମକ ଭାବରେ ବୃହତ୍ ଅର୍ଥନୀତିଗୁଡ଼ିକ ଉତମ ସୁଫଳ ହାସଲ କରନ୍ତି। ଭାରତ ପ୍ରତିଯୋଗିତାମୂଳକ ଭାବରେ ଯାହା ଉତ୍ପାଦନ କରିପାରିବ ଏବଂ ସେଥିପାଇଁ କ'ଣ କରିବାକୁ ପଡିବ ତାହା ସ୍ୱଦେଶୀକୃତ କରିବାକୁ ପଡିବ। ଏହାର ଫାର୍ମ ଏବଂ ବାଣିଜ୍ୟ ସଂଗଠନଗୁଡ଼ିକୁ ସେମାନଙ୍କର ଚୁକ୍ତିନାମା ଉପରେ ଅଧିକ ଚିନ୍ତା ଓ ପରିଶ୍ରମ କରିବାକୁ ପଡିବ - ବିଶେଷକରି ଯୁକ୍ତରାଜ୍ୟ ଏବଂ ୟୁରୋପୀୟ ସଂଘ ସହିତ ନୂତନ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର, ଯାହା ଚଳିତ ବର୍ଷ କାର୍ଯ୍ୟକାରୀ ହେବ ଏବଂ ଏହା ସହିତ ଶ୍ରମ-ସଘନ ରପ୍ତାନିକୁ ବୃଦ୍ଧି କରିବା ଉଚିତ। ଦକ୍ଷ ହାତ ବିନା ଏହା କଦାପି ସମ୍ଭବପର ନୁହେଁ, ତେଣୁ ବାଣିଜ୍ୟ ଦକ୍ଷତାରେ ଯୁବ ଭାରତୀୟଙ୍କ ତାଲିମ ବର୍ତ୍ତମାନ ଯୁଦ୍ଧକାଳୀନ ଭିତିରେ ଆଗକୁ ବୃଦ୍ଧି କରାଯିବା ଉଚିତ। ଏହି କାର୍ଯ୍ୟଗୁଡ଼ିକ ସ୍ଥିରତା ଏବଂ ଗତି ଦାବି କରନ୍ତି। ଏହା ସେମାନଙ୍କ ଆଡ଼କୁ ମୁହାଁଇବା ପରେ ମଧ୍ୟ, ସରକାରଙ୍କୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡିବ ଯାହା ଏପର୍ଯ୍ୟନ୍ତ ଆମକୁ ନିରାଶ କରିଛି। ସେହିଭଳି କୃତ୍ରିମ ବୁଦ୍ଧିମତାର ଆଗମନ ଏବଂ ଭାରତୀୟ କର୍ମକ୍ଷେତ୍ର ଏବଂ ଭାରତୀୟ ଜୀବନ ପାଇଁ ଏହାର ଅର୍ଥ କ'ଣ ହେବା ଉଚିତ ତାହା ନିର୍ଦ୍ଦିଷ୍ଟ ଭାବରେ ସ୍ଥିର କରାଯିବା ଉଚିତ। ଉପସାଗରୀୟ ସଂଘର୍ଷ ଏକ ପ୍ରକାର ଆମ ସ୍ଥିରତାର ପରୀକ୍ଷା କରିଥିଲା; ଆଗାମୀ ବର୍ଷଗୁଡ଼ିକ ଅନ୍ୟମାନଙ୍କୁ ମଧ୍ୟ ପରୀକ୍ଷା କରିବ। ଭାରତ ପ୍ରଥମ ପରୀକ୍ଷାକୁ ଉତମ ଭାବରେ ପୂରଣ କରିଛି। ଏହା ନୀରବ ଆତ୍ମବିଶ୍ୱାସର ଏକ କାରଣ - ଏବଂ ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଆମକୁ ସେହି ଦୃଢ଼ତାର ସହିତ ଆଗକୁ ବଢ଼ିବାକୁ ପଡ଼ିବ।

***(ଲେଖକ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା। ଏହି ପ୍ରବନ୍ଧରେ ପ୍ରତିଫଳିତ ମତାମତ ଲେଖକଙ୍କର ବ୍ୟକ୍ତିଗତ)***

# ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି କାପସି ସ୍ଥିତ ବରଗଛ ଛକ ନିକଟରେ ଏକ ଭାବପୂର୍ଣ୍ଣ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କାପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା (୧୯୮୯ ମସିହା) ଠାରୁ ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ ନିଜର ନିଷ୍ଠାପର ସେବା ପ୍ରଦାନ କରିଥିବା ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ଏବଂ ସହକାରୀ ଶିକ୍ଷକ ନନ୍ଦ କୁମାର ପାତ୍ରଙ୍କୁ ଏହି ଅବସରରେ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଦୀର୍ଘ ୩୭ ବର୍ଷ ଧରି ଏହି ଅନୁଷ୍ଠାନର ନେତୃତ୍ୱ ନେଉଥିବା ବେଳେ ଗତ ୨୦୨୧ ମସିହାରେ ସହକାରୀ ଶିକ୍ଷକ ଶ୍ରୀ ପାତ୍ର ଅବସର ନେଇଥିଲେ। କାପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ସଂଘ ଆନୁକୂଲ୍ୟରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଗୁରୁଜୀଙ୍କର ସେବା, ତ୍ୟାଗ ଓ ଆଦର୍ଶକୁ ସମ୍ମାନ ଜଣାଇ ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ସେମାନଙ୍କ ଅତୁଳନୀୟ ଅବଦାନକୁ ଏହି ସଭାରେ ସ୍ମରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତପନ ସା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମୁବାରକ ଖାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାମଦେବ ଦାସ ଏବଂ ବର୍ତ୍ତମାନ ଏହି ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଅତୁଲ କୁମାର ପାତ୍ର ମଂଚାସୀନ ଥିଲେ। ସମସ୍ତ ଅତିଥି ବିଦାୟୀ ଶିକ୍ଷକଦ୍ୱୟଙ୍କ ଗୁଣଗାନ କରିବା ସହ ବିଦ୍ୟାଳୟ ପ୍ରତି ସେମାନଙ୍କର ନିଷ୍ଠାପର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ବିଦ୍ୟାଳୟ ର ପ୍ରାକ୍ତନ ଛାତ୍ର ପ୍ରକାଶ ପାତ୍ର ଏହି ସଭାକୁ ପରିଚାଳନା କରିଥିବା ବେଳେ ଉପସ୍ଥିତ ପୁରାତନ ଛାତ୍ର ମୋହନ ଚରଣ ଦାସ, ମହେନ୍ଦ୍ର ଦାସ, କୈଳାସ ଜଗତ, ସଂଜୀବ ମେହେର ଏବଂ କୁମାରୀ ତାରା ଜଗତ ନିଜ ଛାତ୍ର ଜୀବନର ଅନୁଭୂତିକୁ ସମସ୍ତଙ୍କୁ ଜଣାଇଥିଲେ। ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଏହି ଅବସରରେ ଶିକ୍ଷକଦ୍ୱୟଙ୍କୁ ଉପହାର ଭେଟି ଦେଇଥିବା ବେଳେ ଆୟୋଜକ ସମିତି ପୁରାତନ ଛାତ୍ରଛାତ୍ରୀ ସଂଘ ତରଫରୁ ମାନପତ୍ର ଓ ଉପଢୌକନ ମାଧ୍ୟମରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ତଥା ସମସ୍ତ ଛାତ୍ରଛାତ୍ରୀ ଏହି ଦୁଇ ଗୁରୁଜୀଙ୍କର ଅବସର ଜୀବନ ସୁଖମୟ ଏବଂ ନିରାମୟ ହେଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶେଷରେ ମନୋଜ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସଂଘର ଏହି ସଭା ଆୟୋଜନ କରିବାରେ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିବା ବେଳେ ବିହାରୀ ଲାଲ ମସରା, ବିଷ୍ଣୁ ସା, ଦେବସିଂ ମାଝୀ, ଚକ୍ରଧର ସା, ମନୋଜ ସା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବିନା ବିକଳ୍ପରେ ଶିକ୍ଷକ ବଦଳି, ଅଭିଭାବକଙ୍କ ଆନ୍ଦୋଳନ ଚେତାବନୀ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଯୁକ୍ତି ନଦେଇ ଜଣେ ଶିକ୍ଷୟତ୍ରୀଙ୍କୁ ବଦଳୀ କରିବାପାଇଁ ପ୍ରକ୍ରିୟା ଚାଲିଥିବାରୁ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶିକ୍ଷାବିଭାଗ ଏଭଳି ନିଷ୍ପତିରୁ କ୍ଷାନ୍ତ ନହୁଏ ତେବେ ପରିଚାଳନା କମିଟି ସଭାପତି ଦିପକ ମହାରଣାଙ୍କ ନେତୃତ୍ୱରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶହଶହ ସଂଖ୍ୟାର ଅଭିଭାବକ ତଥା ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହେବାକୁ ଚେତାବନୀ ଦେବା ସହ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଏବେ ୫ଟି ଶ୍ରେଣୀରେ ୧୩୦ଜଣ ପିଲା ଅଧ୍ୟୟନ କରୁଥିବା ବେଳେ ଏବେ ମାତ୍ର ୩ଜଣ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଏବେ ଏଠାରେ କାର୍ଯ୍ୟରତ ଶିକ୍ଷୟତ୍ରୀ ରୋଜାଲୀ ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ଅନ୍ୟତ୍ର ବଦଳୀ ପାଇଁ ଶିକ୍ଷାବିଭାଗ ପ୍ରସ୍ତୁତି ଚଳାଇଥିବା ଖବର ପରିଚାଳନା କମିଟି ପାଇବା ପରେ ଏଥିନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଚିନ୍ତା ରେ ପକାଇଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କୁ ଯୋଗାଯୋଗ କରିବାରେ ଏହି ବଦଳୀ ଜିଲା କାର୍ଯ୍ୟାଳୟ ମାଧ୍ୟମରେ କରାଯାଉଥିବାରୁ ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି କହିଛନ୍ତି।

# ୩୫୩ନମ୍ବର ଜାତୀୟ ରାଜପଥ ଆରେଡ଼ା ଛକ ଠାରେ ଚାଷୀଙ୍କ ରାସ୍ତାରୋକ



ନୂଆପଡ଼ା(ନିପ୍ର): ଧାନ ମଣ୍ଡିରୁ ଧାନ ଉଠାଣ ପ୍ରକ୍ରିୟା ବିଳମ୍ବ ହୋଇଥିବାରୁ ଆକ୍ରୋଶ ପ୍ରକାଶ କରି ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଶହ ଶହ ଚାଷୀ ଆଜି ୩୫୩ ନମ୍ବର ଜାତୀୟ ରାଜପଥକୁ ବ୍ଲକ ଛକ ଠାରେ ଅବରୋଧ କରିଛନ୍ତି। ଫଳରେ ପ୍ରାୟ ୧୨ ଘଂଟା କାଳ ରାଜପଥରେ ଯାନବାହାନ ଚଳାଚଳ ଠପ୍ ହୋଇଛି। ଆନ୍ଦୋଳନକାରୀ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଖଡିଆଳ-ବିଜେପୁର ମଣ୍ଡିରେ ୫୮ ଜଣ ଚାଷୀଙ୍କର ୩୬ ହଜାର କ୍ୱିଂଟାଲ ଧାନ ରୁ ୨୪ ହଜାର ଧାନ, ସେହିପରି ବରଗାଁ ମଣ୍ଡିରେ ୧୫ ହଜାର ୪୮୦ କ୍ୱିଂଟାଲ ଧାନ ରୁ ୯ ହଜାର ୨୮୦ କ୍ୱିଂଟାଲ ଧାନ, ସାନମହେଶ୍ୱର ହାରାହାରି ୧୧ ହଜାର ୯୬୦ କ୍ୱିଂଟାଲ, ଅରେଡା ଧାନ ମଣ୍ଡିରେ ହାରାହାରି ୧୬ ହଜାର ୬୮୦ରୁ ୧୦ ହଜାର କ୍ୱିଂଟାଲ, ଡୁଆଝରରେ ହାରାହାରି ୧୪ ହଜାର କ୍ୱିଂଟାଲ ରୁ ୭ ହଜାର ୮୦୦ ହଜାର କ୍ୱିଂଟାଲ ଧାନ, ଖୁଡପେଜ ଧାନ ମଣ୍ଡିରେ ହାରାହାରି ୧ ହଜାର ୮୪୦ କ୍ୱିଂଟାଲ ରୁ ୭ ହଜାର ୧୦୪, ତୁକୁଲା ମଣ୍ଡିରେ ୧୬ ୬୬୦ କ୍ୱିଂଟାଲ ରୁ ୯ ହଜାର ୯୬୦ କ୍ୱିଂଟାଲ ଧାନ, ଭୋଜପୁର ମଣ୍ଡିରେ ହାରାହାରି ୧ ହଜାର ୩୬୦ କ୍ୱିଂଟାଲରୁ ୮ହଜାର ୫୦୦ କ୍ୱିଂଟାଲ ଧାନ ଧାନ ଉଠାଇବା ପାଇଁ ଡିଆରସିଏସ ନୂଆପଡା ପ୍ରତିଶ୍ରୁତି ଦେଇ ଥିଲେ। କିନ୍ତୁ ଚାଷୀ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସୂଚନା ଥାଉକି ମଣ୍ଡିରେ ମାସ ମାସ ଧରି ଧାନ ପଡି ରହିବା ଯୋଗୁଁ ଗତ ଦୁଇ ଦିନ ତଳେ ହୋଇଥିବା ବର୍ଷାରେ ବହୁତ ଜଣ ଚାଷୀ ଙ୍କ ଧାନ ଭିଜି ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି ସବୁ ମଣ୍ଡି କୁ ମିଲର୍ସ ମାନେ ଦୁଇଟିରୁ ତିନୋଟି ଟ୍ରକ୍ ପଠାଉଛନ୍ତି। ଯାହା ଫଳରେ ଧାନ ଉଠାଣରେ ବିଳମ୍ବ ହେଉଛି। ମିଲର୍ସ ମାନେ ୫ରୁ ୬ ଗୋଟି ଟ୍ରକ୍ ପଠାନ୍ତେ ତେବେ ଏହି ସମସ୍ୟା ରହିନଥାନ୍ତା ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ନୂଆପଡା ଡିଆରସିଏସ ସିବ ପ୍ରସାଦ ସ୍ୱାଇଁ, ଖଡ଼ିଆଳ ବିଡିଓ ମିଳନକାନ୍ତ ଝାଙ୍କର, ଖଡ଼ିଆଳ ତହସିଲ ଦାର ନରସିଂଙ୍ଗ ଗଦବା, ଖଡ଼ିଆଳ ପୋଲିସ ଏସଡିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଆଇଆଇସି ସୁମନ୍ତ କୁମାର ନାଏକ ଘଟଣାସ୍ଥଳରେ ପହଂଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଡିଆରସିଏସ ବର୍ତ୍ତମାନ ୬୦ ପ୍ରତିଶତ ଧାନ ଜିଲ୍ଲାପାଳ ଏପ୍ରୁଭ କରିଛନ୍ତି ବୋଲି ଶ୍ରୀ ସ୍ୱାଇଁ ସମସ୍ତଙ୍କୁ କହିବା ସହିତ ସମସ୍ତଙ୍କ ଧାନ ଉଠାଯିବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ। ହେଲେ ଚାଷୀ ରହି ଯାଇଥିବା ସମସ୍ତ ଚାଷୀ ଆଇ ସ୍କାନ ନ କରିବା ପର୍ଯ୍ୟନ୍ତ ଆମେ ରାସ୍ତା ରୋକ ରୁ ଉଠିବୁ ନାହିଁ ବୋଲି ରୋକ୍ ଠୋକ କହିଥିଲେ। ରାତି ୯ ଟା ପର୍ଯ୍ୟନ୍ତ ଚାଷୀଙ୍କ ରାସ୍ତା ରୋକ ଚାଲିଥିଲା ଯଦି ପ୍ରଶାସନ ଚାଷୀଙ୍କ ଦାବି ପୁରାଣ କରିବା ପାଇଁ ପ୍ରତିଶ୍ରୁତି ପାଇବେ ନାହିଁ ଏହି ଆନ୍ଦୋଳନ ଜାରିରହିବ ବୋଲି ଚାଷୀ ସମୂହ କହୁଥିଲେ।



# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ସାଇବର ସୁରକ୍ଷା ସମ୍ବନ୍ଧିତ ପାଠଚକ୍ର

ବ୍ରହ୍ମପୁର(ନି.ପ୍ର.) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଅନୁକୁଲ୍ୟରେ ଗଣିତ ବିଭାଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଦିବସୀୟ ସାଇବର ସୁରକ୍ଷା ସମନ୍ଧିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।କୁଳପତି ପ୍ରଫେସର ଅସୀମା ସାହୁଙ୍କ ପ୍ରେରଣାରେ ଅନୁଷ୍ଠିତ ଏହି ସାଇବର ସୁରକ୍ଷା ସମନ୍ଧିତ ପାଠଚକ୍ରକୁ ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତର ପରିଷଦର ସମୂହ ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ପଟ୍ଟନାୟକ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହିତ ବୃକ୍ଷରେ ଜଳ ସିଂଚନ ପୂର୍ବକ ସଭାକାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରଫେସର ପଟ୍ଟନାୟକ ନିଜ ଉଦଘାଟନୀ ଭାଷଣରେ ସାଇବର ସୁରକ୍ଷା କିପରି ବିଶ୍ୱ ପାଇଁ ଏକ ଆହ୍ୱାନ ତାହାରି ଉପରେ ଦୀକ୍ଷାନ୍ତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ମାଲିକାନା ଅଧିନରେ ଥିବା ମୁମ୍ବାଇସ୍ଥିତ ସେବିର ମୁଖ୍ୟ କାର୍ଯ୍ୟାଳୟର ସୁରକ୍ଷା ସମନ୍ଧିତ ପ୍ରଶିକ୍ଷକ




ମନୋଜ କୁମାର ନାହାକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅନ୍ତର୍ଜାତୀୟ ସ୍ତରରେ ସାଇବର ସୁରକ୍ଷାର ଆବଶ୍ୟକତା ବିଷୟରେ ଏକ ଦୀକ୍ଷାନ୍ତ ବକ୍ତବ୍ୟ ଉପସ୍ଥାପନ କରିବା ସହ ଆଧୁନିକ ଯୁଗରେ ଛାତ୍ରଛାତ୍ରୀଙ୍କ ପାଇଁ ସାଇବର ସୁରକ୍ଷା କେତେ ଆବଶ୍ୟକତା ଏବଂ ବିକଶିତ ଭାରତର ଏକ ଅଙ୍ଗ ସେ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭାବେ ଉପକୁଳସଚିବ ଡଃ ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ନିଜର ବକ୍ତବ୍ୟରେ ସାଇବର ସୁରକ୍ଷା କିପରି ଛାତ୍ରଛାତ୍ରୀମାନେ ବ୍ୟବହାର କରିପାରିବେ ତାହାରି ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଅତିଥି ଛାତ୍ରଛାତ୍ରୀ କଲ୍ୟାଣ ଅଧିକାରୀ ଡଃ ଉଷାରାଣୀ ରଥ ସାଇବର ସୁରକ୍ଷା ଛାତ୍ରଛାତ୍ରୀ କଲ୍ୟାଣରେ କିପରି ବିନିଯୋଗ ହୋଇପାରିବ ସେ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ । ଅଧ୍ୟାପକ ଅଶୋକ ମୁଦୁଲି ସଭାକାର୍ଯ୍ୟ ପରିଚାଳନା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ସୁପ୍ରିୟା ସାହୁ ଓ କର୍ମଚାରୀ ଜଗନ୍ନାଥ ଚୌଧୁରି ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ରଶ୍ମି ଜେନା, ସିମରନ୍ ରାଉତ,କୁନୁ ପଣ୍ଡା, ବିଶ୍ୱଜିତ ପାଢ଼ୀ,ଓମ୍ ମହାନ୍ତି,ମାନସୀ ସ୍ୱାଇଁ, ଏସ.ନାରାୟଣ ପାତ୍ର,ସମୀର କୁମାର ସାହୁ,ସ୍ୱାତୀ ତ୍ରିପାଠୀ ଓ ସାଜିଦ ଶତ୍ରୁସଲ୍ୟଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ପଠାଚକ୍ରକୁ ସଫଳ କରିଥିଲେ ।ସେବି ପକ୍ଷରୁ ଗାୟତ୍ରୀ ମହାପାତ୍ର ସ୍ୱତନ୍ତ ଭାବେ ଉପସ୍ଥିତ ରହି ପାଠ ଚକ୍ରକୁ ସଫଳତା କରିବାରେ ସାହାଯ୍ୟ କରିଥିଲେ ।ଶେଷରେ ପାଠଚକ୍ରରେ ଯୋଗ ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଇ-ସାଟିଫିକେଟ ସେବି ପକ୍ଷରୁ ପ୍ରଦାନ କରାଯାଇଥିଲା ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ୫୯୧ତମ 'ଗଜପତି ଦିବସ'

## କପିଳେନ୍ଦ୍ର ଦେବଙ୍କ ନୀତିକୁ ନେଇ ଆତ୍ମ-ଅନୁଶୀଳନର ଆହ୍ୱାନ ଦେଲେ ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର, : ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ସୂର୍ଯ୍ୟବଂଶୀ ଗଜପତି ରାଜବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ଉତ୍ସବ 'ଗଜପତି ଦିବସ' ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଏମ୍.କେ.ସି.ଜି. ପ୍ରେକ୍ଷାଳୟ ଠାରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଗଜପତିଙ୍କ ବୀରତ୍ୱକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଲକ୍ଷେ ରଜାର ମଉଡ଼ମଣି: ଗଜପତିଙ୍କ ଗୌରବମୟ ଗାଥା' ଉନ୍ମୋଚିତ ହେବା ସହ "ସମର, ସମ୍ରାଟ, ଓ ସନାତନ" ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା । 'ଆଂଚଳିକ ନାୟକରୁ ଜାତୀୟ ପ୍ରତୀକ' ବିଷୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବେ ଯୋଗଦେଇ ରାଜ୍ୟ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, 'କେବଳ ଓଡ଼ିଆ ବୋଲି ଗର୍ବ କରିବା ଯଥେଷ୍ଟ ନୁହେଁ । ଏହି ଗୌରବଶାଳୀ ଜାତିକୁ ଆଜି ଆତ୍ମ-ଅନୁଶୀଳନ କରିବାର ସମୟ ଆସିଛି । ପ୍ରଥମ ଓଡ଼ିଆ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବ ଜଗନ୍ନାଥ ସଂସ୍କୃତି ଓ ଜାତୀୟତାର ସୂତ୍ରରେ ନିଜର ବିଶାଳ ସାମ୍ରାଜ୍ୟକୁ ବାନ୍ଧିଥିଲେ । ସେ ବିଶ୍ୱକୁ ବାର୍ତ୍ତା ଦେଇଥିଲେ ଯେ ଉତ୍କଳର ପ୍ରକୃତ ସମ୍ରାଟ ସ୍ୱୟଂ ଶ୍ରୀଜଗନ୍ନାଥ ଏବଂ ଗଜପତି ମାତ୍ର ତାଙ୍କର ପ୍ରଥମ ସେବକ । ତାଙ୍କର ଏହି ସନାତନ ନୀତି ହିଁ ଆମ ଜାତୀୟ ଚେତନାର ମୂଳଦୁଆ ।'ସମ୍ମାନିତ ଅତିଥି କଟକ ସାଂସଦ ଭର୍ତ୍ତୃହରି ମହତାବ କହିଲେ, 'ଦିଗ୍ ?ବିଜୟୀ ରାଜା କପିଳେନ୍ଦ୍ର ଦେବଙ୍କୁ ନେଇ ଅନେକ ଲୋକକଥା ଅଛି । କିନ୍ତୁ ଆଜିର ପିଢ଼ି ତାଙ୍କର ପ୍ରକୃତ ଇତିହାସ ଜାଣିବା ଜରୁରୀ । ଏଥିପାଇଁ ଅଧିକ ଗବେଷଣା ହେବା ଦରକାର ।' ଐତିହାସିକ ପ୍ରଫେସର କୁଲଦୀପ୍ ଚନ୍ଦ୍ ଅଗ୍ନିହୋତ୍ରୀ ବିଦେଶୀ ଚଷମା ଖୋଲି ଭାରତୀୟ ଦୃଷ୍ଟିକୋଣରୁ ପୂର୍ବପୁରୁଷଙ୍କ ବୀରତ୍ୱକୁ ଜାଣିବା ଏବଂ ଗଜପତି ରାଜାମାନଙ୍କ ତଥ୍ୟକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଥିଲେ, 'ପ୍ରକୃତ 'ଓଡ଼ିଆ ଅସ୍ମିତା'ର ସନ୍ଧାନ ପାଇଁ ଆମକୁ ଅତୀତକୁ ଚାହିଁବାକୁ ହେବ । କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ ହିଁ ଓଡ଼ିଶାର ଭିତିଭୂମି ସୁଦୃଢ଼ ହୋଇଥିଲା । ଏହି ଉତ୍ସବ ଜେନ-ଜି ଯୁବପିଢ଼ିଙ୍କୁ ତାଙ୍କ ଅବଦାନ ବୁଝିବାରେ ସାହାଯ୍ୟ କରିବ ।'ସମାରୋହରେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର (ମୁଖ୍ୟବକ୍ତା), ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ (ବିଶିଷ୍ଟ ଅତିଥି), ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଏବଂ ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟର ଅଧ୍ୟକ୍ଷ ଆର୍କିଟେକ୍ଟ ସୁଭଜ ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ ।ଆଲୋଚନାଚକ୍ରରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପ୍ରଫେସର କିଶୋର କୁମାର ବାସା, ସତ୍ୟଜିତ ଓଝା, ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଓ ଗବେଷକ ଦୀପକ କୁମାର ନାୟକ ଯୋଗଦେଇ ସାରଗର୍ଭକ ମତ ରଖିଥିଲେ । ଏହି ଉତ୍ସବରେ ବହୁ ସଂଖ୍ୟାରେ ଇତିହାସ ପ୍ରେମୀ, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ତାରାତାରିଣୀ ମହାବିଦ୍ୟାଳୟରେ ଡ଼. ଅଜିତ କୁମାର ମିଶ୍ରଙ୍କୁ ଭାବବିହ୍ୱଳ ବିଦାୟ

ବ୍ରହ୍ମପୁର (ନି.ପ୍ର.): ତାରାତାରିଣୀ ମହାବିଦ୍ୟାଳୟ, ପୁରୁଷୋତମପୁରର ରସାୟନ ବିଭାଗର ମୁଖ୍ୟ ତଥା ବରିଷ୍ଠ ଅଧ୍ୟାପକ ଡ଼. ଅଜିତ କୁମାର ମିଶ୍ର ମଙ୍ଗଳବାର ଦୀର୍ଘ ୩୨ ବର୍ଷର ଗୌରବମୟ କର୍ମଜୀବନ ସମାପନ କରି ଅବସର ଗ୍ରହଣ କରିଛନ୍ତି ।


ଡ଼. ମିଶ୍ର ୧ ନଭେମ୍ବର ୧୯୯୪ ରେ ତାରାତାରିଣୀ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ନିଜର ଦୀର୍ଘ କର୍ମଜୀବନରେ ସେ କେବଳ ରସାୟନ ବିଭାଗର ବିକାଶରେ ନୁହେଁ, ବରଂ ମହାବିଦ୍ୟାଳୟର ଶିକ୍ଷା, ପ୍ରଶାସନ, ପରୀକ୍ଷା ପରିଚାଳନା, ବିଭିନ୍ନ କାର୍ଯ୍ୟକ୍ରମ ଓ ସାମଗ୍ରିକ ଉନ୍ନତିରେ ନିଷ୍ଠାର ସହିତ ଦାୟିତ୍ୱ ବହନ କରି ଜଣେ ଦକ୍ଷ, କର୍ମଠ ଓ ଆଦର୍ଶ ଶିକ୍ଷକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର କର୍ତ୍ତବ୍ୟନିଷ୍ଠା, ସରଳ ବ୍ୟକ୍ତିତ୍ୱ,



ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ମହାବିଦ୍ୟାଳୟ ପ୍ରତି ସମର୍ପଣ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।ଅବସର ଉପଲକ୍ଷେ ଆୟୋଜିତ ବିଦାୟ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପ୍ରଦୀପ କୁମାର ସାହୁ ଡ଼. ମିଶ୍ରଙ୍କ କର୍ମନିଷ୍ଠା, ଦାୟିତ୍ୱବୋଧ ଓ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନର ଉଚ୍ଚ ପ୍ରଶଂସା କରିଥିଲେ । ଏହାପରେ ବାସୁଦେବ ମହାପାତ୍ର, ସନ୍ଧ୍ୟାରାଣୀ ପାତ୍ର, ଡ଼. ରମେଶ ସେନାପତି, ଡ଼. ସୁବ୍ରତ କୁମାର ଷଡ଼ଙ୍ଗୀ, ପ୍ରକାଶ ଚନ୍ଦ୍ର ପଣ୍ଡା ଏବଂ ସୁଧୀର କୁମାର ଦାସ ନିଜ ଅଭିଭାଷଣରେ ଡ଼. ମିଶ୍ରଙ୍କ ଦୀର୍ଘଦିନର ସେବା, ସରଳତା ଓ ସହଯୋଗୀ ମନୋଭାବକୁ ସ୍ମରଣ କରି ଭାବବିହ୍ୱଳ ବିଦାୟ ଜଣାଇଥିଲେ । ଶେଷରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ପୂର୍ବତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଡ଼. ମିଶ୍ରଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘାୟୁ ଅବସର ଜୀବନ କାମନା କରି ତାଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ ।

# ସେବା ନିବୃତ ପ୍ରଧାନ ଶିକ୍ଷକ ଲୋକନାଥ ମେହେରଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା

ନୂଆପଡ଼ା, (ନି.ପ୍ର)ସରକାରୀ ପ୍ରାଥମିକ ବିଦ୍ୟାଳୟ, ବହଳପଦରର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଲୋକନାଥ ମେହେରଙ୍କ ସେବାନିବୃତି ଅବସରରେ ବିଦ୍ୟାଳୟ ପରିସରରେ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ଲାଲଚନ ଠେଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ସରପଂଚ ପ୍ରତିନିଧି ଶ୍ରୀ ଦିବ୍ୟଲୋଚନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ଖଡ଼ିଆଳର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଅମୂଲ୍ୟ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀ ବଲ୍ଲଭ ଦୁବେ ଏବଂ ଶ୍ରୀ ବାଲ୍ୟଚରଣ ଦାସ ମଂଚାସୀନ ଥିଲେ ।ଶ୍ରୀ ଲୋକନାଥ ମେହେର ୧୯୮୬ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ପ୍ରାୟ ଚାରି ଦଶନ୍ଧିର ସେବାକାଳ ମଧ୍ୟରୁ ଅର୍ଦ୍ଧାଧିକ ସମୟ ସେ ବହଳପଦର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଓ ପରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ।ସଭାରେ ଗ୍ରାମବାସୀ,



ଶରଧାପୁର କ୍ଲଷ୍ଟରର ବହୁ ସଂଖ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା ଓ ଶିକ୍ଷକତା ଜୀବନର ସ୍ମୃତିଚାରଣ କରିଥିଲେ । ଅତିଥିମାନେ ତାଙ୍କ ନିଷ୍ଠାପୂର୍ଣ୍ଣ ସେବା, ସରଳ ଜୀବନଯାପନ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଅକୃତ୍ରିମ ସ୍ନେହର ଭୂୟସୀ ପ୍ରଶଂସା କରି ଅବସର ପରବର୍ତୀ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ ।କାର୍ଯ୍ୟକ୍ରମକୁ ଶ୍ରୀମତୀ ତେଜସ୍ୱନୀ ହୋତା, ପଣ୍ଡା ମ୍ୟାଡାମ୍, ଶ୍ରୀ ରତ୍ନାକର ଠେଲାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଗ୍ରାମବାସୀ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସମଗ୍ର ପରିବେଶ ଭାବବିହ୍ୱଳ ହୋଇଉଠିଥିଲା ।

# ଝାରସୁଗୁଡ଼ା ହକି ଦଳ ଚାମ୍ପିୟନ

ଝାରସୁଗୁଡ଼ା(ନି.ପ୍ର.)-ସୁନ୍ଦରଗଡ ଲେଫ୍ରିପଡା ହକି ସ୍ପୋର୍ଟସ୍ କମିଟି ଆନୁକୁଲ୍ୟରେ ଅନୁଷ୍ଠିତ ଦୁଇ ଦିନିଆ ହକି ପ୍ରତିଯୋଗିତାରେ ଝାରସୁଗୁଡ଼ା ଦଳ ଚାମ୍ପିୟନ ହୋଇଛି । ଏହି ପ୍ରତିଯୋଗିତାରେ ଝାରସୁଗୁଡ଼ା,ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ । ଝାରସୁଗୁଡ଼ା ଦଳ ପ୍ରଥମ ରାଉଣ୍ଡରୁ ଉନ୍ନତମାନର ଖେଳ ପ୍ରଦର୍ଶନ କରି ସୁନ୍ଦରଗଡ ଦଳକୁ ୨-୦, ଦ୍ୱିତୀୟ ରାଉଣ୍ଡରେ ଲେଫ୍ରିପଡାକୁ ୨-୧,ସେମିଫାଇନାଲରେ ମଙ୍ଗରକୁଡ଼ା ଦଳକୁ ପେନାଲ୍ଟି ସୁଟଆଉଟରେ ୪-୩ ଗୋଲରେ ପରାସ୍ତ କରି ଫାଇନାଲ ମ୍ୟାଚରେ ଶକ୍ତିଶାଳି ଭି.ଏସ.ଏସ. କୋଲନୀ ସହିତ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ଡ୍ର ହୋଇଥିବା ବେଳେ ପେନାଲ୍ଟି ସୁଟଆଉଟରେ ୪-୩ ଗୋଲରେ ବିଜୟୀ ହୋଇ ୨୦,୦୦୦ ଟଙ୍କା ପୁରସ୍କାର ରାଶି ପ୍ରାପ୍ତ କରିଛନ୍ତି ।ଏହି ବିଜୟୀ ଦଳକୁ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ, ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ,ଜିଲ୍ଲା ହକି ଆସୋସିଏସନର ସଂପାଦକ ବ୍ରଜବନ୍ଧୁ ଭୋଇ,ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଓ ଓଡିଶା ହକି ଅସୋସିଏସନର ଉପସଭାପତି ଜୀବନ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି ।

# ଖଡ଼ିଆଳ ଦଧିବାମନ ମନ୍ଦିର ପରିସର ମଧ୍ୟରେ ଦେବ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ

ନୂଆପଡ଼ା,(ନି.ପ୍ର) ନୂଆପଡ଼ା ଜିଲ୍ଲା ସ୍ଥିତ ସମସ୍ତ ଜଗନ୍ନାଥ ମନ୍ଦିର ପରିସର ମଧ୍ୟରେ ଦେବ ସ୍ନାନ ପୂର୍ଣ୍ଣିମା ପର୍ବ ପାଳିତ । ଏହି ପର୍ବରେ ଜଗତର ନାଥ ଜଗନ୍ନାଥ, ବଳଭଦ୍ର ଓ ମାଁ ସୁଭଦ୍ରାଙ୍କ ସ୍ନାନମଣ୍ଡପ ରେ ଦେବ ରୀତିକାନ୍ତି ରେ ସୁବାସିତ ଜଳରେ ସ୍ନାନ କରିଛନ୍ତି । ଆଜି ଏହି ଦେବଙ୍କ ମର୍ତ୍ତ୍ୟଲିଳା ସ୍ନାନମଣ୍ଡପରେ ଦର୍ଶନ ପାଇଁ ବହୁସଂଖ୍ୟକ ଭକ୍ତ



ସମାଗମ ହୋଇଥିବା ବେଳେ ପୁରପଲ୍ଲୀ ରେ ମଧ୍ୟ ସ୍ନାନ ଉତ୍ସବ ଅନୁଷ୍ଠିତ । ହୋଇଅଛି । ଖଡ଼ିଆଳ ଦଧିବାମନ, ପତିତପାବନ ଏବଂ ଜଗନ୍ନାଥ ଙ୍କ ଚତୁର୍ଦ୍ଧାମୂର୍ତି ସ୍ନାନ କରିଛନ୍ତି । ପ୍ରଭୁ ଜଗନ୍ନାଥ ଦେବ ଜ୍ୱର ବ୍ୟାଧିରେ ଆକ୍ରାନ୍ତ ହୋଇ ଅଣସର ଘରେ ବାସ କରିବେ । ୧୫ ଦିନ ପର୍ଯ୍ୟନ୍ତ ଦଶମୂଳ ଔଷଧି ଖାଇ ଆରୋଗ୍ୟ ଲାଭ କରିବେ । ଖଡ଼ିଆଳ ରାଜା ଦେବ ଦେବ ସିଂହ ଦେଓ, ସେବାୟତ, ବଡ଼ପଣ୍ଡା, ମନ୍ଦିର ପରିଚାଳନା କମିଟି, ସେବକ ମାନେ ସୁନା କଳସ ଜଳ ଏକ ପଟୁଆରରେ ଆସି ସ୍ନାନ ମଣ୍ଡପ ରେ ଜଗନ୍ନାଥ ଙ୍କ ଦେବ ସ୍ନାନ ଅନୁଷ୍ଠିତ ହୋଇଅଛି ।

# ବନବିଭାଗର ମେରୀରାଏ ନୀତି ଆଦିବାସୀଙ୍କ ଘର ଭାଙ୍ଗି ଦେଲେ

ନୀଳଗିରି,(ନି.ପ୍ର.) ନୀଳଗିରି ବ୍ଲକ ଅଧିନସ୍ଥ ଭଉଁରିଆବାଡ଼ ପଂଚାୟତ ବୁଦୁସାହି ଅଂଚଳରେ ସ୍ୱାମୀ ପରିତ୍ୟକ୍ତକ୍ଷ ମହିଳା ସାବିତ୍ରୀ ଦେହୁରୀ(୪୫)ଏକ ଚାଳ ଛପର କରି ନାବାଳିକା ଝିଅ ଶହ ରହୁଥିଲେ ।ଆଜି ନୀଳଗିରି ବନବିଭାଗ ପକ୍ଷରୁ ନୀଳଗିରି ଫରେଷ୍ଟରରାମେଶ୍ୱର ମୁର୍ମୁ, ସଜନାଗଡ଼ଫରେଷ୍ଟର ସସ୍ମିତା ଶିଅଳ,ଫରେଷ୍ଟ ଗାର୍ଡ ବୁଧିରାମ ହାଁସଦା,ସବୁଜ ବାହିନୀ ପ୍ରମୁଖ ଘର ନିକଟରେ ପହଁଚି ସାବିତ୍ର ଘର ଭାଙ୍ଗି ଦେବା ସହ ଆସବାବ ପତ୍ର ଭାଙ୍ଗି ଦେଇଥିବା ନେଇ ସରପଂଚ ସଞ୍ଜୟ ସିଂ ଙ୍କ ନିକଟରେ ସାବିତ୍ରୀ ଅଭିଯୋଗ କରିଛନ୍ତି ।ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ନିକଟରେ ଶହ ଶହ ଘର, ଫାର୍ମ ହାଉସ, ହୋଟେଲ, ଦୋକାନ, ରାସ୍ତା ନିର୍ମାଣ କରିଥିଲା ବେଳେ ସ୍ୱାମୀ ପରିତ୍ୟକ୍ତ ।ମହିଳା ଙ୍କ ପ୍ରତି ବନ ବିଭାଗ ଜୁଲୁମ କାହିଁକି ବୋଲି ସ୍ଥାନୀୟ ସରପଂଚ ଶ୍ରୀ ସିଂ ଅଭିଯୋଗ କରିଛନ୍ତି ।ଘଟଣା ସମ୍ପର୍କରେ ଫରେଷ୍ଟର ସସ୍ମିତା ଶିଅଳ ଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ।ତେବେ ତଦନ୍ତ ପରେ କିଏ ସତ କହୁଛି ତାହା ଜଣାପଡିବ ।ତେଣୁ ରେଞ୍ଜର ଘଟଣା ତଦନ୍ତ ପାଇଁ ଘର ମାଲିକ ସାବିତ୍ରୀ ଦେହୁରୀ ଦାବି କରିଛନ୍ତି ।

# ଧାମନଗରରେ ଦିନଦ୍ୱିପହରରେ ବାଇକ୍ ଚୋରି: ଥାନା ନିକଟରୁ ଗାଡ଼ି ଗାଏବ, ଚୋର ଗିରଫ

ଧାମନଗର,(ନି.ପ୍ର.): ଧାମନଗର ଥାନା ନିକସ୍ଥ ୟୁକୋ ବ୍ୟାଙ୍କ ନିକଟରୁ ଦିନ ଦ୍ୱିପହର ରେ ଏକ ବାଇକ୍ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପୋଲିସ ତଦନ୍ତ କରି ଚୋରି ଗାଡ଼ିର କିଛି ଅଂଶ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ସୁଚନା ଥାଉକି କୋରିଗାଁ ଗ୍ରାମର ବିଜୟ ସଂଖୁଆ ନିଜ ବାଇକ୍ (ନଂ- ଓଡି ୨୨ ଏଫ ୫୪୫୯) ଯୋଗେ ଦିନ ପ୍ରାୟ ୧୧ ଟା ସମୟରେ ଧାମନଗର ସ୍ଥିତ ୟୁକୋ ବ୍ୟାଙ୍କ କୁ କୌଣସି କାର୍ଯ୍ୟରେ ଯାଇଥିଲେ । ବ୍ୟାଙ୍କ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ଗାଡ଼ିଟି ସେଠାରେ ନଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ।ପୋଲିସ ଥାନା ସିସିଟିଭି କ୍ୟାମେରା ଯାଂଚ କରିବାରୁ ଚୋରି ର ପର୍ଦ୍ଦାଫାଶ ହୋଇଥିଲା । ଧାମନଗର ହବିବିନଗର ଗ୍ରାମର ସେକ ଇସଲାମ ଙ୍କ ପୁଅ ସେକ ରାଜା ବାଇକ ଟିକୁ ଚୋରି କରିଥିବା ଜଣାପଡ଼ିଥିଲା । ସେକ ରାଜା ଉକ୍ତ ଗାଡ଼ିକୁ ହବିବିନଗରର



ଜଣେ ପେଶାଦାର ଚୋରା ଗାଡ଼ି ବ୍ୟବସାୟୀ ମୀରି ଶାହାବାଜ ଙ୍କ ପୁଅ ମୀରି ଛୋଟୁକୁ ବିକ୍ରି କରି ଦେଇଥିଲା । ଅଭିଯୁକ୍ତ ଛୋଟୁ ଗାଡ଼ିଟିକୁ କାଟି ଖଣ୍ଡଖଣ୍ଡ କରି ଏହାର ବିଭିନ୍ନ ଯନ୍ତ୍ରାଂଶ ଦୁଇ ଘ[। ମଧ୍ୟରେ ବିକ୍ରି କରିସାରିଥିଲା ।ଖବର ପାଇ ଧାମନଗର ଥାନାର ଏସଆଇ ନାରାୟଣ ନାୟକ ଘଟଣାସ୍ଥଳରେ ପହଂଚି ତଦନ୍ତ କରିବା ସହ ଚୋରି ଗାଡ଼ିର ଟାଙ୍କି ଓ ଅନ୍ୟ କିଛି ଯନ୍ତ୍ରାଂଶ ଜବତ କରିଛନ୍ତି । ଏହି ମାମଲାରେ ପୋଲିସ ସେକ ରାଜାକୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମୀରୀ ଛୋଟୁ ଫେରାର ଅଛି ।ଥାନା ନିକଟରେ ଦିନଦ୍ୱିପହରରେ ଏଭଳି ଚୋରି ହେବା ସାଧାରଣରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି ।

# ଶାଳଗାଁ ପଂଚାୟତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

ବୈଶିଙ୍ଗା(ନି.ପ୍ର.)ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଂଚାୟତ ଉଚ୍ଚ ବିଦ୍ୟାଳୟର ଶକ୍ତିକ୍ଲବ ଦ୍ୱାରା ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଅଛି । ଶକ୍ତିକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ଟି. ପି. ଏନ୍. ଅ. ଡି. ଏଲ ବିଭାଗ ତରଫରୁ ସୁରେଶ ଚନ୍ଦ୍ର ରଣା ସି .ଏସ .ଆର ଅଧିକାରୀ , ରାକେଶ ବଳ କାର୍ଯ୍ୟକ୍ରମ ସଂଯୋଜକ , ଶ୍ରୀକାନ୍ତ ବେହେରା କାର୍ଯ୍ୟକ୍ରମ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ ବିଦ୍ୟୁତ ନିରାପତା ଅଧିକାରୀ ଯୋଗ ଦେଇଥିଲେ । ବିଦ୍ୟୁତ କୁ କିଭଳି ସଠିକ୍ ବିନିଯୋଗ କରି ଆଗାମୀ ଭବିଷ୍ୟତକୁ ସୁରକ୍ଷା କରିପାରିବା, ଘରେ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାଇବେ ଏବଂ ବିଦ୍ୟୁତ ଦାଉରୁ କିଭଳି ରକ୍ଷା ପାଇ ପାରିବା ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ଏଥି ସହିତ ଭି . ଡି. ଓ ମାଧ୍ୟମରେ ବିଭିନ୍ନ ପ୍ରକାର ଚିତ୍ର ପ୍ରଦର୍ଶିତ କରାଯାଇ ସଚେତନତା କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ଲାକାର୍ଡ ଧରି ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଆଗାମୀ ଦିନରେ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟୁତ୍ ବିଷୟରେ ସଚେତନ କରାଇବା ପାଇଁ ଟି,ପି, ଏନ୍,ଓ, ଡି, ଏଲ, ଅଧିକାରୀଙ୍କୁ ବିଦ୍ୟାଳୟ ତରଫରୁ ଅନୁରୋଧ କରାଯାଇ ଥିଲା । ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟୁତ୍ ସତର୍କତା ଉପରେ ଶପଥ ପାଠ କରାଯାଇଥିଲା । ଉକ୍ତ କାର୍ଯକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ସର୍ବଶେଷରେ ଉମାକାନ୍ତ ସାସମଲ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୁଳସୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଟି ଶ୍ରେଣୀ ଗୃହ ଉଦଘାଟିତ

କଟକ: (ନି. ପ୍ର.) ତା ୩୦ ଜୁନ୍ ୨୦୨୬ରିଖରେ କଟକ ରାଉଣ୍ଡ ଟେବୁଲ୍ ୧୩୭ ଏବଂ କଟକ ଲେଡିଜ୍ ସର୍କଲ୍ ୨୦୭ ର ମିଳିତ ଆନୁକୂଲ୍ୟରେ ଗୋରାକବର ସ୍ଥିତ ତୁଳସୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ନବନିର୍ମିତ ୨ଟି କୋଠରୀ ବିଶିଷ୍ଟ ଶ୍ରେଣୀଗୃହ ବ୍ଲକର ଶୁଭ ଉଦଘାଟନ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଏବଂ ଆଧୁନିକ ଶିକ୍ଷାଦାନ ପରିବେଶ ଯୋଗାଇଦେବା ଲକ୍ଷ୍ୟରେ ୧୫ ଲକ୍ଷ ଟଙ୍କାର ବଜେଟ୍ ବିନିଯୋଗରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି । ଏହାଦ୍ୱାରା ବିଦ୍ୟାଳୟର ୩୦୦ ରୁ ଅଧିକ ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ସିଧାସଳଖ ଉପକୃତ ହେବେ । ଏହି ସମାଜ ମଙ୍ଗଳ କାର୍ଯ୍ୟକ୍ରମଟି ସି ଆର୍ ଟି ୧୩୭ ର ଅଧ୍ୟକ୍ଷ ଟେବ୍ଲର ଅମିତ ଅଗ୍ରୱାଲ, ସମ୍ପାଦକ ମୋହିତ ଅଗ୍ରୱାଲ ଏବଂ ପ୍ରକଳ୍ପ ଆହ୍ୱାୟକ ଟେବ୍ଲର ନଭଲ ମହାଜନଙ୍କ ସମେତ ସି ଏଲ୍ ସି ୨୦୭ ର ଅଧ୍ୟକ୍ଷା ସର୍କଲର ସ୍ନେହା ସରାବଗୀ, ସମ୍ପାଦିକା ପ୍ରିୟଙ୍କା ଅଗ୍ରୱାଲ ଏବଂ ପ୍ରକଳ୍ପ ଆହ୍ୱାୟିକା ରମନଦୀପ କକ୍କଡ଼ଙ୍କ ସଫଳ ନେତୃତ୍ୱରେ ସମ୍ପନ୍ନ ହୋଇଛି । ଏହି ଅବସରରେ ଲେଡିଜ୍ ସର୍କଲ୍ ଇଣ୍ଡିଆ (ଏରିଆ ୧୬) ର ଏଏସଟି ସର୍କଲର ଅଦିତି ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶ ଓ ଭିତିଭୂମି ସୁଦୃଢ଼ କରିବା ଦିଗରେ ସଂଗଠନର ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ । ?ଆଗାମୀ ଦିନରେ ମଧ୍ୟ ସମାଜର ଦେଶ ଗଠନ ଓ ଶିକ୍ଷାର ପ୍ରସାର ପାଇଁ ଉଭୟ ସଂଗଠନ ଏଭଳି ଜନହିତକର କାର୍ଯ୍ୟ ଜାରି ରଖିବେ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଭିଭାବକମାନେ ଏହି ମହତ କାର୍ଯ୍ୟ ପାଇଁ କଟକ ରାଉଣ୍ଡ ଟେବୁଲ୍ ଏବଂ ଲେଡିଜ୍ ସର୍କଲ୍ ?କୁ ସାଧୁବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ କଟକ ରାଉଣ୍ଡ ଟେବୁଲ୍ ୧୩୭ର ଚେୟାରମ୍ୟାନ ଟେବଲର ଅମିତ୍ ଅଗରୱାଲ୍, ସମ୍ପାଦକ ମୋହିତ ଅଗରୱାଲ୍, ପ୍ରକଳ୍ପ ସଂଯୋଜକ ଟେବଲର ନଭାଲ ମହାଜନ, କଟକ ଲେଡିସ ସର୍କଲ ୨୦୭ର ଚେୟାର ପର୍ସନ ସର୍କଲର ସ୍ନେହା ସରାଗୀ, ସମ୍ପାଦିକା ପ୍ରିୟଙ୍କା ଅଗରୱାଲ, ପ୍ରକଳ୍ପ ସଂଯୋଜକ ରମଣଦୀପ କକ୍କର ଓ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଏକତା ଦ୍ୱାରା ପ୍ରତ୍ୟେକ ଲକ୍ଷ୍ୟ ହାସଲ କରାଯାଇପାରିବ, ସାମୂହିକ ସଂକଳ୍ପ ହେଉଛି ସଫଳତାର ଆଧାର : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଯେତେବେଳେ ଆମର ସଂକଳ୍ପ, ବିଚାର ଏବଂ ମନର ଭାବନା ଏକଜୁଟ ହୋଇଥାଏ, ସେତେବେଳେ ପ୍ରତ୍ୟେକ କାର୍ଯ୍ୟ ସଫଳ ହୋଇଥାଏ । ସେ ଦେଶବାସୀଙ୍କୁ ଏକଜୁଟ ହୋଇ ଆଗକୁ ବଢ଼ିବା ଏବଂ ଭାରତବର୍ଷର ପ୍ରତ୍ୟେକ ଲକ୍ଷ୍ୟକୁ ମିଳିତ ଭାବେ ହାସଲ କରିବା ପାଇଁ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ଦିନ 'ଏକ୍ସ 'ଉପରେ ସଂସ୍କୃତ ସୁଭାସିତମ୍,' ସାମନୋ ମନ୍ତ୍ର: ସମିତି: ସାମନୀ ସମନ ମନ ସାହ ଚିତମେଶମ' ସେୟାର କରିଛନ୍ତି । ସମନ ମନ୍ତ୍ରମାଭି ମନ୍ତ୍ରୟେ: ସମନ ୱୋ ହାବିଶା ଜୁହୁମି ' ଏହା ହେଉଛି ସୁନିର୍ଦ୍ଦିଷ୍ଟ ଅର୍ଥ ଯେ ଯେତେବେଳେ ସମାଜର ଲୋକମାନଙ୍କର ସଂକଳ୍ପ, ବିଚାର ଏବଂ ଭାବନା ସମାନ ହୋଇଥାଏ, ସେତେବେଳେ ସାମୂହିକ ପ୍ରୟାସ ଦ୍ୱାରା ପ୍ରତ୍ୟେକ କାର୍ଯ୍ୟର ସଫଳତା ସୁନିଶ୍ଚିତ ହୋଇଥାଏ । ଏକତା ହେଉଛି ଏକ ରାଷ୍ଟ୍ରର ସବୁଠାରୁ ବଡ଼ ଶକ୍ତି ଏବଂ ଏହି ଭାବନାରେ ହିଁ ବିକାଶ ଏବଂ ଜାତୀୟ ଲକ୍ଷ୍ୟ ହାସଲ କରାଯାଇପାରିବ ।

# ଜୁଲାଇ ୩ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସମ୍ଭାବନା



ଭୁବନେଶ୍ୱର: ରାଜ୍ୟରେ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆସନ୍ତା ଜୁଲାଇ ୩ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବର୍ତ୍ତମାନ ଉତର ବଙ୍ଗୋପସାଗର ଏବଂ ତାହାର ପାର୍ଶ୍ୱବର୍ତୀ ଦକ୍ଷିଣ ବାଂଲାଦେଶ ଉପକୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହି ବାୟୁମଣ୍ଡଳୀୟ ଚାପ ପ୍ରାୟ ୧.୫ କିଲୋମିଟରରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି, ଯାହାର ପ୍ରଭାବରେ ଆସନ୍ତା ୩ ତାରିଖ ସୁଦ୍ଧା ଉତର-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ଏହି ଲଘୁଚାପ କ୍ଷେତ୍ରଟି ମୁଣ୍ଡ ଟେକିପାରେ । ମୌସୁମୀର ପ୍ରଭାବ ଏବଂ ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ସାରା ରାଜ୍ୟ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ଥିବାରୁ ୭ଟି ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଥିବା ବେଳେ ଅନ୍ୟ ୨୩ଟି ଜିଲ୍ଲାକୁ 'ୟେଲୋ ୱାର୍ଣ୍ଣିଂ' ଦିଆଯାଇଛି । ବିଶେଷ କରି ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ସମେତ ଖୋର୍ଦ୍ଧା, ଅନୁଗୁଳ ଓ ଜଗତସିଂହପୁର ଭଳି ଜିଲ୍ଲାମାନଙ୍କରେ ସକାଳୁ ତୁହାକୁ ତୁହା ବର୍ଷା ଲାଗି ରହିଛି । ଚଳିତ ବର୍ଷ ମୌସୁମୀ ପ୍ରବେଶ ପରେ ଏହାକୁ ରାଜ୍ୟର ପ୍ରଥମ ବଡ଼ ବର୍ଷା ବୋଲି କୁହାଯାଉଛି । ଦୀର୍ଘ ଦିନ ଧରି ଅସହ୍ୟ ଗୁଳୁଗୁଳି ଏବଂ ପ୍ରଚଣ୍ଡ ତାତିରେ ସନ୍ତୁଳି ହେଉଥିବା ଓଡ଼ିଶାବାସୀଙ୍କୁ ଏହି ବର୍ଷା ବଡ଼ ଆଶ୍ୱସ୍ତି ଆଣିଦେଇଛି । ସାରା ରାଜ୍ୟରେ ପାଗ ଅନୁକୂଳ ହେବା ସହ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହା ଫଳରେ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ଓ ଆରାମଦାୟକ ହୋଇଛି । ଆଗକୁ ବର୍ଷାର ପରିମାଣ ଆହୁରି ବଢ଼ିବାର ସଙ୍କେତ ମିଳୁଥିବାରୁ ତଳିଆ ଅଂଚଳ ଉପରେ ନଜର ରଖିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।



# ଏଫସିଆରଏ ୨.୦ ପୋର୍ଟାଲ ଏବଂ ଇ-ଓସିଆଇ କାର୍ଡ଼ର ଶୁଭାରମ୍ଭ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ଏଫ୍.ସି.ଆରଏ.୨.୦ ପୋର୍ଟାଲ ଏବଂ ଇ-ଓ.ସି.ଆଇ. କାର୍ଡର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଗୃହ ସଚିବ, ବୈଦେଶିକ ସଚିବ, ଗୁଇନ୍ଦା ବ୍ୟୁରୋ (ଆଇବି) ର ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ନିଜଙ୍କ ଅଭିଭାଷଣରେ କହିଥିଲେ ଯେ, ଆଜି ଆରମ୍ଭ ହୋଇଥିବା ଉଭୟ ନୂତନ ପଦକ୍ଷେପ ନାଗରିକଙ୍କ ସୁବିଧା ବୃଦ୍ଧି କରିବାରେ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହେବ । ସେ କହିଛନ୍ତି ଯେ ଆଜି ଆରମ୍ଭ ହୋଇଥିବା ଏହି ଦୁଇଟି ପଦକ୍ଷେପ ନାଗରିକମାନଙ୍କ ପାଇଁ ସୁବିଧାଗୁଡ଼ିକୁ ବୃଦ୍ଧି କରିବ ଏବଂ ବିଶେଷ କରି ଏଫ୍.ସି.ଆର୍.ଏ. ପୋର୍ଟାଲ ମାଧ୍ୟମରେ ଦାନ ଗ୍ରହଣ କରୁଥିବା ଲୋକମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ସମାଧାନ କରିବ । ସେ ସ୍ମରଣ କରାଇଦେଲେ ଯେ ୨୦୧୪ରେ ଯେତେବେଳେ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେତେବେଳେ ସେ କହିଥିଲେ ଯେ ଆମ ସରକାର 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ନୀତି ଉପରେ କାର୍ଯ୍ୟ କରିବ । ଶ୍ରୀ ଶାହ ଆହୁରି କହିଥିଲେ ଯେ ଯେତେବେଳେ ଉଦ୍ଦେଶ୍ୟ ସ୍ପଷ୍ଟ



ହୋଇଥାଏ, ନୀତି ସ୍ୱଚ୍ଛ ହୋଇଥାଏ, ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାର ମାନସିକତା ରହିଥାଏ, ସେତେବେଳେ ସଚ୍ଚୋଟ ଲୋକଙ୍କ ପାଇଁ ସମସ୍ତ ପ୍ରକାରର ଶାସନ ଅତ୍ୟନ୍ତ ସହଜ ହୋଇଯାଏ, ଅପରାଧୀଙ୍କ ପାଇଁ ଏକ କଠୋର ତଦାରଖ ବ୍ୟବସ୍ଥା ସ୍ଥାପନ କରାଯାଇଥାଏ ଏବଂ ଦେଶକୁ ଅଧିକରୁ ଅଧିକ ସୁରକ୍ଷିତ କରାଯାଇପାରିବ । ଶ୍ରୀ ଅମିତ ଶାହ କହିଥିଲେ ଯେ ୨୦୧୪ ମସିହା ପୂର୍ବରୁ ଏଫ୍.ସି.ଆର୍.ଏ. ବ୍ୟବସ୍ଥା ଫାଇଲ ଏବଂ ପ୍ରକ୍ରିୟାରେ ଫଶି ରହିଥିଲା ଏବଂ ଏହା ଉପଯୁକ୍ତ ନିରୀକ୍ଷଣ ବାହାରେ ଥିଲା, ଯାହା ଉଭୟ ଜାତୀୟ ସୁରକ୍ଷା ଏବଂ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ ଯେ ୨୦୧୪ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା । ଆଜି ଏଫ୍.ସି.ଆର୍.ଏ. ପୋର୍ଟାଲର ନବୀକରଣ ହେବା ଦ୍ୱାରା ସଂଗଠନଗୁଡ଼ିକର ପରିଚାଳନା ସହଜ ହେବ । ସେ କହିଥିଲେ ଯେ ବିଗତ ବର୍ଷଗୁଡ଼ିକରେ ଆବେଦନ ସଂଖ୍ୟା ଏବଂ ଦାନର ପ୍ରବାହରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏହାକୁ ଦୃଷ୍ଟିରେ ରଖି, କାଗଜପତ୍ର କାର୍ଯ୍ୟ ହ୍ରାସ କରିବା ଏବଂ ବିଦେଶୀ ଯୋଗଦାନର ବାସ୍ତବ ସମୟ ପ୍ରଭାବଶାଳୀ ତଦାରଖ ସୁନିର୍ଶ୍ଚିତ କରିବା ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଥିଲେ ଯେ ଏଫ୍.ସି.ଆରଏ. ଆଇନ କାରଣରୁ, ଭୁଲ ଉଦ୍ଦେଶ୍ୟ ନେଇ ଆସୁଥିବା ବିଦେଶୀ ଯୋଗଦାନ ଉପରେ ନଜର ରଖିବା ବୃଦ୍ଧି ପାଇବ । ଶ୍ରୀ ଶାହ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥାର ଶୁଭାରମ୍ଭ ସହିତ ଦସ୍ତାବିଜଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଦାଖଲ କରିବାର ପ୍ରକ୍ରିୟା ସମାପ୍ତ ହୋଇଯିବ । ଇ-ସାଇନ୍ ଆଧାରିତ ପ୍ରମାଣୀକରଣ, ଓ.ସି.ଆର୍. (ଅପ୍ଟିକାଲ କ୍ୟାରେକ୍ଟର ରେକୋଗନିସନ୍) ଏବଂ ଏନ୍.ଜି.ଓ. ଦର୍ପଣ ବ୍ୟାଙ୍କ ଆକାଉଂଟ ଏକୀକରଣ ବ୍ୟବସ୍ଥା ଭଳି ସୁବିଧା ସୁନିର୍ଶ୍ଚିତ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେହେତୁ ଏହି ସମସ୍ତ ତଥ୍ୟ 'ମେଘରାଜ' (ସରକାରୀ କ୍ଲାଉଡ୍) ରେ ହୋଷ୍ଟ କରାଯିବ, ତେଣୁ ତଥ୍ୟ ଚୋରି ହେବାର ସମ୍ଭାବନା ବହୁତ ହ୍ରାସ ପାଇବ । ଏହା ସହିତ ଆଗାମୀ ମାସଗୁଡ଼ିକରେ ଏକ ଏଫ୍.ସି.ଆର୍.ଏ. ମୋବାଇଲ୍ ଆପ୍ଲିକେସନ୍, ଏକ ଏଆଇ ଚାଳିତ ଚାଟବଟ୍ ଏବଂ ବ୍ୟାଙ୍କଗୁଡ଼ିକ ପାଇଁ ଏକ ଉତ୍ସର୍ଗୀକୃତ ଅନଲାଇନ୍ ଡାସବୋର୍ଡ଼ର ମଧ୍ୟ ଶୁଭାରମ୍ଭ କରାଯିବ । କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଆଜି ଇ-ଓସିଆଇ କାର୍ଡର ମଧ୍ୟ ଶୁଭାରମ୍ଭ କରାଯାଇଛି । ସେ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥାରେ ଓ.ସି.ଆଇ. ବ୍ୟବସ୍ଥାରେ ସମ୍ମୁଖୀନ ହେଉଥିବା ପ୍ରାରମ୍ଭିକ ସମସ୍ୟାଗୁଡ଼ିକର ସମାଧାନ କରାଯାଇଛି ଏବଂ ଏହା ୫୦ ଲକ୍ଷରୁ ଅଧିକ ଓ.ସି.ଆଇ. କାର୍ଡଧାରୀଙ୍କ ପାଇଁ ବହୁତ ସୁବିଧା ଆଣିବ ।

# ଅରୁଣାଚଳ ପ୍ରଦେଶର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିବେ ଶିବରାଜ ସିଂହ ଚୌହାନ


ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଦୁଇ ଦିନିଆ ଉତର-ପୂର୍ବ ଗସ୍ତରେ ଯିବେ । ଚୌହାନ ୩୦ ଜୁନରେ ଦିଲ୍ଲୀରୁ ଯାଇ ଆସାମର ରାଜଧାନୀ ଗୌହାଟୀରେ ଏକ ଉଚ୍ଚସ୍ତରୀୟ ବୈଠକ କରିବେ ଏବଂ ଜୁଲାଇ ୧ରେ ଅରୁଣାଚଳ ପ୍ରଦେଶର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବେ । ମଙ୍ଗଳବାର ଦିନ କୃଷି ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ କେନ୍ଦ୍ର ସରକାର ନିଜେ ବନ୍ୟା ପ୍ରଭାବିତ ଅଂଚଳ ଉପରେ ନଜର ରଖିଛନ୍ତି ଏବଂ ରିଲିଫ ଏବଂ ପୁନର୍ବାସକୁ ତ୍ୱରାନ୍ୱିତ କରିବା ପାଇଁ କ୍ଷେତ୍ର ଉପରେ ନିଷ୍ପତି ନେବାକୁ ଚାହୁଁଛନ୍ତି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତର-ପୂର୍ବରେ ଆସାମ ଏବଂ ଅରୁଣାଚଳ ପ୍ରଦେଶର ବନ୍ୟା ପରିସ୍ଥିତିକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ତୁରନ୍ତ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଗ୍ରାଉଣ୍ଡ ସମୀକ୍ଷା ପାଇଁ ପଠାଇବାକୁ ନିଷ୍ପତି ନେଇଛନ୍ତି । କାର୍ଯ୍ୟସୂଚୀ ଅନୁଯାୟୀ, ଚୌହାନ ଜୁନ ୩୦ ରେ ଦିଲ୍ଲୀ ଛାଡ଼ି ଆସାମର ରାଜଧାନୀ ଗୌହାଟୀରେ ପହଂଚିବେ ଏବଂ ସେହି ଦିନ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିବେ । ଏହି ବୈଠକରେ ଆସାମ ଏବଂ ଆଖପାଖ ଅଂଚଳରେ ଫସଲ, ଗ୍ରାମ ଏବଂ ଭିତିଭୂମି ଉପରେ ବନ୍ୟା ପ୍ରଭାବ, ଚାଲିଥିବା ରିଲିଫ କାର୍ଯ୍ୟର ଗତି ଏବଂ ଆଗାମୀ ଆବଶ୍ୟକତା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବ ।

# ସଡ଼କ ସୁରକ୍ଷା ହେଉଛି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା : ମନ୍ତ୍ରୀ ନିତିନ ଗଡ଼କରୀ

ନୂଆଦିଲ୍ଲୀ : କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ ସଡକ ସୁରକ୍ଷା ସରକାରଙ୍କ ଅନ୍ୟତମ ପ୍ରାଥମିକତା ଏବଂ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ମୃତ୍ୟୁ ଘଟିଛି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ । ମଙ୍ଗଳବାର ଏଠାରେ ଏକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଡକରୀ କହିଛନ୍ତି ଯେ ବର୍ତ୍ତମାନ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେଇଯାଉଥିବା ବ୍ୟକ୍ତିଙ୍କୁ ପୋଲିସ କିମ୍ବା ଆଇନଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଆର୍ଥିକ ସହାୟତା ଦିଆଯିବ ।



କୌଣସି ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସରକାର ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିବେ । ସେ କହିଛନ୍ତି ଯେ ଦେଶରେ ପ୍ରତିବର୍ଷ ହାରାହାରି ପାଂଚ ଲକ୍ଷ ସଡ଼କ ଦୁର୍ଘଟଣା ଘଟିଥାଏ ଏବଂ ପ୍ରାୟ ୧.୮୦ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ । ଏହି ଦୁର୍ଘଟଣା ଦେଶର ଜିଡିପିର ପ୍ରାୟ ତିନି ପ୍ରତିଶତ କ୍ଷତି ଘଟାଇଥାଏ । ଏହି ଦୁର୍ଘଟଣାରେ ପୀଡିତଙ୍କ ମଧ୍ୟରୁ ୬୬ ପ୍ରତିଶତ ୧୮ ରୁ ୩୪ ବର୍ଷ ବୟସ ବର୍ଗରେ ଅଛନ୍ତି । ସଡକ ଦୁର୍ଘଟଣା କେବଳ ଜୀବନ ନେଇନଥାଏ ବରଂ ଅନେକ ଲୋକଙ୍କୁ ସ୍ଥାୟୀ ଭାବରେ ଅକ୍ଷମ କରିଥାଏ । ଗଡକରୀ କହିଛନ୍ତି ଯେ ସଡକ ନିରାପତାର ଚାରୋଟି ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ସଡକ ଇଞ୍ଜିନିୟରିଂ, ଯାନ ଇଞ୍ଜିନିୟରିଂ, କାର୍ଯ୍ୟକାରୀ ଏବଂ ଜନସଚେତନତା । ଏମାନଙ୍କ ମଧ୍ୟରେ ରୋଡ୍ ଇଞ୍ଜିନିୟରିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ଅଧୀନରେ ଦେଶର ପାହାଡ଼ିଆ ଅଂଚଳରେ ରାସ୍ତା ଏବଂ ଭୂସ୍ଖଳନ ଅଂଚଳରେ କଳା ଦାଗ ଚିହ୍ନଟ କରାଯାଇଛି । ଏହି କଳା ଦାଗଗୁଡ଼ିକର ଉନ୍ନତି ପାଇଁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି ।

# ଶିଶୁ ମଙ୍ଗଳ ସମିତିର ନବନିଯୁକ୍ତ ସଦସ୍ୟଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଉପ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ରାଜ୍ୟର ସମସ୍ତ ଜିଲ୍ଲାର ନବନିଯୁକ୍ତ ଶିଶୁ ମଙ୍ଗଳ ସମିତି (ଚାଇଲ୍ଡ ୱେଲଫେୟାର କମିଟି)ର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ପାଇଁ ଆୟୋଜିତ ପାଂଚ ଦିନିଆ କାର୍ଯ୍ୟକ୍ରମର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଶିଶୁମାନେ ଦେଶର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କର ଅଧିକାରର ସୁରକ୍ଷା କେବଳ ସରକାରଙ୍କର ନୁହେଁ, ବରଂ ସମଗ୍ର ସମାଜର ସାମୂହିକ ଦାୟିତ୍ୱ । ସେ କହିଥିଲେ ଯେ ଶିଶୁ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ ରହିଛନ୍ତି ଏବଂ ପ୍ରତିଷ୍ଠାନଗତ ଦକ୍ଷତା ବୃଦ୍ଧି, ସେବା ପ୍ରଦାନ ବ୍ୟବସ୍ଥାର ଉନ୍ନତି, ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କର ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ଓଡ଼ିଶାର ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସଶକ୍ତ କରାଯାଉଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ସମ୍ପର୍କରେ ଶିଶୁ ମଙ୍ଗଳ ସମିତିର ସଦସ୍ୟମାନଙ୍କ ଆଇନଗତ ଜ୍ଞାନକୁ ସୁଦୃଢ଼ କରିବା ସହିତ, ଯତ୍ନ ଓ ସୁରକ୍ଷାର ଆବଶ୍ୟକତା ଥିବା ଶିଶୁମାନଙ୍କର ସୁରକ୍ଷା, ଯତ୍ନ, ପୁନର୍ବାସ ଏବଂ ସମାଜର ମୂଳସ୍ରୋତରେ ପୁନଃସ୍ଥାପନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ଦାୟିତ୍ୱକୁ ଅଧିକ ସୁଦୃଢ଼ କରିବା ।

# ଭାରତୀୟ ରେଳବାଇ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ



ଭୁବନେଶ୍ୱର : ବାର୍ଷିକ ରଥଯାତ୍ରା ପର୍ବ ସମୟରେ ଭକ୍ତମାନଙ୍କ ଯାତ୍ରା ସୁବିଧା ଏବଂ ଯାତ୍ରୀମାନଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକ ଯୋଡ଼ା ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି । ଟ୍ରେନ୍ ନଂ ୦୮୮୦୧ ଗୋନ୍ଦିଆ ଜଙ୍କସନ–ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ: ଏହି ଟ୍ରେନ୍ ଗୋନ୍ଦିଆ ଜଙ୍କସନରୁ ୦୨.୦୭.୨୦୨୬, ୦୯.୦୭.୨୦୨୬, ୧୬.୦୭.୨୦୨୬ ଏବଂ ୨୯.୦୭.୨୦୨୬ (୦୪ ଥର) ଦିନ ୧୩:୩୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୧୦:୦୦ ଘଟିକାରେ ପୁରୀରେ ପହଁଚିବ । ସେହିପରି, ଟ୍ରେନ୍ ନଂ ୦୮୮୦୨ ପୁରୀ–ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ: ଏହି ଟ୍ରେନ୍ ପୁରୀରୁ ୦୩.୦୭.୨୦୨୬, ୧୦.୦୭.୨୦୨୬, ୧୭.୦୭.୨୦୨୬ ଏବଂ ୩୦.୦୭.୨୦୨୬ (୦୪ ଥର) ଦିନ ୧୩:୦୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୦୭:୦୦ ଘଟିକାରେ ଗୋନ୍ଦିଆ ଜଙ୍କସନରେ ପହଂଚିବ । ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡ଼ୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ଼, କଂଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ଼, ସମ୍ବଲପୁର, ଅନୁଗୁଳ, ତାଳଚେର ରୋଡ଼, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ରହଣି କରିବ ।

# ଜୁଲାଇ ୩ ପର୍ଯ୍ୟନ୍ତ ବଢ଼ିଲା ରବି ଧାନ କିଣା ଅବଧି : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ରବି ଧାନ କିଣା ଅବଧିକୁ ଆସନ୍ତା ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି ଯୋଗାଣ ବିଭାଗ । ରାଜ୍ୟର ୫ଟି ଜିଲ୍ଲାରେ ଏବେ ବି ଚାଷୀଙ୍କ ଧାନ ପଡ଼ି ରହିଥିବାରୁ ସରକାର ଏହି ନିଷ୍ପତି ନେଇଛନ୍ତି । ୩ ଦିନ ମଧ୍ୟରେ ସବୁ ଧାନ ଉଠିଯିବ, ଆଉ ଅବଧି ବଢେଇବାର ଆବଶ୍ୟକତା ନାହିଁ ବୋଲ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ନୂଆପଡ଼ା, ବାଲେଶ୍ୱର ସମେତ ଆଉ ୩ଟି ଜିଲ୍ଲାର ମଣ୍ଡିରେ ଏବେ ବି ଧାନ ପଡ଼ି ରହିଛି । ଚାଷୀ ଯେମିତି ଅସୁବିଧାର ସମ୍ମୁଖୀନ ନହେବେ, ସେଥିପାଇଁ ଧାନ କିଣା ସମୟ ସୀମାକୁ ୩ ତାରିଖ ଯାଏଁ ବଢ଼ାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଚଳିତ ରବି ଋତୁରେ ଏପର୍ଯ୍ୟନ୍ତ ୩ ଲକ୍ଷ ୩୬ ହଜାର ୫୨ ଜଣ କୃଷକଙ୍କଠାରୁ ୧୮ ଲକ୍ଷ ୭୯ ହଜାର ୯୧୯ ମେଟ୍ରିକ ଟନ୍



ଧାନ କିଣା ହୋଇଛି । ଚଳିତ ବର୍ଷ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ କରିଥିଲେ, ଯାହା ଆଗାମୀ ୩ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି । ଧାନ କିଣା ପ୍ରକ୍ରିୟାକୁ ନେଇ ବିଜେଡିର ଅଭିଯୋଗକୁ ନେଇ ମନ୍ତ୍ରୀ କହିଛନ୍ତି, ବିଜେଡି କେବଳ ରାଜନୀତି କରୁଛି । ତାଙ୍କ ସରକାର ସମୟରେ ୪ ଲକ୍ଷ ଟୋକନ ଲାପ୍ସ ହୋଇଥିଲା । କୃଷକ ଆତ୍ମହତ୍ୟାରେ କିଛି ଫରକ ପଡୁ ନଥିଲା । ୧୦୦ ଟଙ୍କା ବୋନସ ମଧ୍ୟ ଦେଉନଥିଲେ । ଆମ ସରକାରରେ ଧାନ କିଣା ସୁରୁଖୁରୁରେ ଚାଲୁଛି ।

# ମୁମ୍ବାଇ ଛାଡ଼ି ବେଙ୍ଗାଲୁରରେ ରହିବେ ହାର୍ଦ୍ଦିକ



ମୁମ୍ବାଇ : ଭାରତୀୟ କ୍ରିକେଟ ଟିମର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଛାଡିବା ପାଇଁ ନିଷ୍ପତି ନେଇଛନ୍ତି । ସେ ବେଙ୍ଗାଲୁରରେ ଯାଇ ରହିବେ । ବାରମ୍ବାର ଆଘାତ ସମସ୍ୟାରେ ପଡୁଥିବାରୁ ତାଙ୍କ ଆନ୍ତର୍ଜାତୀୟ କ୍ୟାରିୟର ବାଧାପ୍ରାପ୍ତ ହେଉଛି । ଏହାକୁ ମଜଭୁତ କରିବା ପାଇଁ ସେ ଏହି ନିଷ୍ପତି ନେଇଛନ୍ତି । ଏବେ ସେ ବିସିସିଆଇର ସେଂଟର ଅଫ ଏକ୍ସିଲେନ୍ସିର ଆଘାତରୁ ମୁକୁଳିବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି । ବେଙ୍ଗାଲୁରରେ ରହିଲେ ସେ ସିଓଇର ଟ୍ରେନିଂ ସୁବିଧାର ଭରପୂର ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି । ହାର୍ଦ୍ଦିକ ଅତି କମରେ ୫ରୁ ୬ ବର୍ଷ ଭାରତୀୟ ଦଳ ପକ୍ଷରୁ ଖେଳିବା ପାଇଁ ଚାହୁଁଛନ୍ତି । ଆନ୍ତର୍ଜାତୀୟ କ୍ୟାରିୟର ଶେଷ ହେବା ପରେ ସେ କେଉଁଠାରେ ରହିବେ ପରେ ନିଷ୍ପତି ନେବେ ବୋଲି ଜଣାପଡିଛି । ରିପୋର୍ଟ ମୁତାବକ ସେ ଏକ ପ୍ରପର୍ଟି ଭଡା ସୂତ୍ରରେ ନେଇଛନ୍ତି । ଯାହାକି ସିଓଇର ନିକଟରେ ଅବସ୍ଥିତ । ଅଧିକାଂଶ ଖେଳାଳି ଆଘାତ ସମସ୍ୟାରେ ପଡିବା ପରେ ଏଠାକୁ ଆସିଥାନ୍ତି । ହାର୍ଦ୍ଦିକ ଏ ନେଇ ଏକ ସ୍ଥାୟୀ ସମାଧାନ ବାହାର କରିଛନ୍ତି ।

# ଏସୀୟ କ୍ରୀଡ଼ା ପାଇଁ ଅଧିନାୟିକା ରହିଲେ ହର୍ମନପ୍ରୀତ୍

ନୂଆଦିଲ୍ଲୀ : ଆଇସିସି ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନରେ ବିଫଳ ହେବା ସତ୍ତ୍ୱେ ହର୍ମନପ୍ରୀତ୍ କୌର ତାଙ୍କ ନେତୃତ୍ୱ ବଜାୟ ରଖିଛନ୍ତି । ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ାର କ୍ରିକେଟ୍ ଇଭେଂଟ୍ ଲାଗି ହର୍ମନପ୍ରୀତ୍ ?ଙ୍କୁ ଭାରତୀୟ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି । ଭାରତୀୟ ଦଳ ମଧ୍ୟ ଗତ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ ଅଧିନାୟିକା ନିଯୁକ୍ତ କରାଯାଇଛି । ୱିକେଟରକ୍ଷକ ବ୍ୟାଟର ୟାସ୍ତିକା ଭାଟିଆଙ୍କୁ ବାଦ ଦିଆଯାଇଥିବାବେଳେ ଜି କମଳିନୀଙ୍କୁ ସାମିଲ କରାଯାଇଛି । ଆହତ କାରଣରୁ ଶ୍ରେୟଙ୍କା ପାଟିଲଙ୍କୁ ଫିଟ୍‌ନେସ୍ ସର୍ତରେ ସାମିଲ କରାଯାଇଛି । ୩୭ ବର୍ଷୀୟା ହର୍ମନପ୍ରୀତ୍‌ଙ୍କ ଦଳ ଗତବର୍ଷ ଦିନିକିଆ ବିଶ୍ୱକପ୍ ଜିତିଥିଲେ ମଧ୍ୟ ଇଂଲଣ୍ଡରେ ଚାଲିଥିବା ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବାରୁ କଡ଼ା ସମାଲୋଚିତ ହୋଇଛନ୍ତି । ଭାରତୀୟ ଦଳ ପାକିସ୍ତାନ, ବାଂଲାଦେଶ, ନେଦରଲାଣ୍ଡ୍‌ସ ବିପକ୍ଷରେ ଜିତିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆଠାରୁ ହାରି ବିଦାୟ ନେଇଥିଲା । ବିଶ୍ୱକପ୍ ବିଫଳତା ସତ୍ତ୍ୱେ ଭାରତୀୟ ମହିଳା ଓ ପୁରୁଷ ଦଳ ୨୦୨୮ ଏସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳ: ହର୍ମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟକିପର), ଜି କମଳିନୀ (ୱିକେଟକିପର), ଭାରତୀ ଫୁଲମାଳି, ଶ୍ରୀ ଚାରଣୀ, ରେଣୁକା ସିଂହ ଠାକୁର, କ୍ରାନ୍ତୀ ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ, ରାଧା ଯାଦବ, ନନ୍ଦାନୀ ଶର୍ମା ।




Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**